ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25. No.281 Bhubaneswar Monday December 26, 2022 ୨୫ତମ ବର୍ଷ ସଂଖ୍ୟା-୨୮୧ ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୬,୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ପ୍ରଧାନମନ୍ତ୍ରୀଙ୍କ ବର୍ଷର ଶେଷ 'ମନ୍ କୀ ବାତ'

# ଦୈନନ୍ଦିନ ଜୀବନରେ ଆୟୁର୍ବେଦ ଉପଯୋଗ କରିବାକୁ ଦେଲେ ପରାମର୍ଶ

**ନୂଆଦିଲ୍ଲୀ,୨୫/୧୨:** ଦୈନନ୍ଦିନ ଜୀବନରେ ଆୟୁର୍ବେଦ ବ୍ୟବହାର କରନ୍ତୁ ବୋଲି ଆଜି ମାସିକ ବେତାର କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୯୬ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

ମୁମ୍ବାଇର 'ଟାଟା ମେମୋରିଆଲ୍ ସେଣ୍ଟର୍'ର ଗବେଷଣା କେନ୍ଦ୍ର ବିଷୟରେ କହିବାକୁ ଯାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ଆନନ୍ଦିତ ଯେ, ପ୍ରମାଣ-ଭିତ୍ତିକ ଔଷଧ ଯୁଗରେ ଯୋଗ ଓ ଆୟୁର୍ବେଦ ମଧ୍ୟ ଫଳପ୍ରଦ ବୋଲି ପ୍ରତିପାଦିତ ହୋଇଛି। ଏହି କେନ୍ଦ୍ର କରିଥିବା ଗବେଷଣାରୁ ଜଣାପଡିଛି ଯେ, ସ୍ତନ କର୍କଟ ରୋଗାକ୍ରାନ୍ତଙ୍କ କ୍ଷେତ୍ରରେ ଯୋଗ ଫଳପ୍ରଦ ହେଉଛି। କେନ୍ଦ୍ର କହିବା ଅନୁସାରେ, ଏହି ରୋଗରୁ ସୁସ୍ଥ ହୋଇଥିବା ରୋଗୀମାନଙ୍କ ମଧ୍ୟରୁ ନିୟମିତ ଯୋଗାଭ୍ୟାସ କରୁଥିବା ରୋଗୀଙ୍କଠାରେ ଏହି ରୋଗ ପୁଣି ଦେଖା ଦେବାର ଆଶଙ୍କା ୧୫% ହ୍ରାସ ପାଇଛି। ତେଣୁ, ଦୈନନ୍ଦିନ ଜୀବନରେ ଆୟୁର୍ବେଦ ବ୍ୟବହାର କରିବା ଲାଗି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ଏହାଛଡା, ଅନେକ ଦେଶରେ ବୃଦ୍ଧି ପାଉଥିବା କୋଭିଡ୍-୧୯ ସଂକ୍ରମଣ ବିଷୟ ଉଲ୍ଲେଖ କରିବା ସହିତ ସୁରକ୍ଷିତ ରହିବା ଲାଗି ସତର୍କତା ଅବଲମ୍ବନ କରିବା ଲାଗି ପ୍ରଧାନମନ୍ତ୍ରୀ ଜନସାଧାଣଙ୍କୁ ପରାମର୍ଶ ଦେଇଛନ୍ତି।



ସେ କହିଛନ୍ତି, ବିଶ୍ୱର ଅନେକ ଦେଶରେ କୋଭିଡ୍ ମାମଲା ବୃଦ୍ଧି ପାଉଥିବା ଦେଖୁଛନ୍ତି। ଆମେ ସତର୍କ ରହିବା ଆବଶ୍ୟକ ଏବଂ ମାସ୍କ ପିନ୍ଧିବା ସହିତ ହାତ ଧୋଇବା ଉଚିତ।

ଗତ ଅଳ୍ପ କେତେ ବର୍ଷ ହେବ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେ ଅନେକ ଆହ୍ୱାନ ଅତିକ୍ରମ କରିଯାଇଛନ୍ତି। ଭାରତରୁ ଆମେ ମିଳିମିଳା ଓ ପୋଲିଓ ଭଳି ରୋଗ ନିର୍ମୂଳ କରିଛନ୍ତି। ଏବେ 'କଳା ଜ୍ୱର' ବି ନିର୍ମୂଳ କରାଯିବ। ଏବେ ଏହି ରୋଗ ବିହାର ଓ ଝାଡଖଣ୍ଡର ମାତ୍ର ୪ଟି ଜିଲ୍ଲାରେ ଦେଖାଯାଉଛି।

'ସ୍ୱଚ୍ଛ ଭାରତ ଅଭିଯାନ' ଗାଇଡ୍‌ଲାଇନ୍ ମାନି ଚଳିବାକୁ ଦେଶବାସୀଙ୍କୁ ଅନୁରୋଧ କରି କୌଣସି ପରିସ୍ଥିତିରେ ଦେଶର ପରିଚ୍ଛନ୍ନତାକୁ ବିପଦଗ୍ରସ୍ତ ନ କରିବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରତି ଭାରତୀୟଙ୍କ ମନରେ 'ସ୍ୱଚ୍ଛ ଭାରତ ଅଭିଯାନ' ଗଭୀର ପ୍ରଭାବ ପକାଇଛି ବୋଲି ସେ କହିଛନ୍ତି।

ଆଜି ଏହି କାର୍ଯ୍ୟକ୍ରମ ଆରମ୍ଭରେ ଚଳିତ ବର୍ଷର କୃତିତ୍ୱ ବିଷୟରେ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଥିଲେ, ବର୍ଷ ୨୦୨୨ ଥିଲା ଗୌରବମୟ। ଭାରତ ସ୍ୱାଧୀନତାର ୭୫ତମ ବର୍ଷ ପୂରଣ କରିଥିବା ବେଳେ 'ଅମୃତ କାଳ' ଆରମ୍ଭ ହୋଇଥିଲା। ଭାରତ ଦ୍ରୁତ ବେଗରେ ଅଗ୍ରଗତି କରି ବିଶ୍ୱର ୫ମ ବୃହତ୍ ଅର୍ଥନୀତି ହୋଇପାରିଛି।

ଚଳିତ ବର୍ଷ ଭାରତ ମଧ୍ୟ 'ଜି-୨୦' ଗ୍ରୁପର ଅଧ୍ୟକ୍ଷତା ଦାୟିତ୍ୱ ପାଇଛି। ଗତଥର ବି ମୁଁ ଏ ବିଷୟରେ ସବିଶେଷ ଆଲୋଚନା କରିଥିଲି। ବର୍ଷ ୨୦୨୩ରେ 'ଜି-୨୦'ର ଆମକୁ ଏହି ଉଦ୍ଦୀପନାକୁ ଆହୁରି ସଫଳ କରିବାକୁ ପଡିବ; ଏହି କାର୍ଯ୍ୟକ୍ରମକୁ ଗଣ ଆନ୍ଦୋଳନ କରିବାକୁ ପଡିବ।

ଆଜି ବଡଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କୀ ବାତ୍'ରେ ଶୁଭେଚ୍ଛା ଜଣାଇଛନ୍ତି। ଏହାଛଡା, ପ୍ରଧାନମନ୍ତ୍ରୀ 'ହର୍ ଘର୍ ତିରଙ୍ଗା' ବିଷୟରେ ମଧ୍ୟ କହିଛନ୍ତି। ସେ କହିଛନ୍ତି ଯେ, ଦେଶବାସୀ ଏକଥାକୁ ମାନିବା ସହିତ ତ୍ରିରଙ୍ଗା ସହିତ 'ସେଲ୍‌ଫି' ଉଠାଇ ସେୟାର୍ କରିଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳବିହାରୀ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଶିକ୍ଷା, ବୈଦେଶିକ ନୀତି ଏବଂ ଭିତ୍ତିଭୂମି କ୍ଷେତ୍ର ସମତେ ସବୁ କ୍ଷେତ୍ରରେ ଭାରତକୁ ପୂର୍ବାପେକ୍ଷା ଅଧିକ ଉନ୍ନତ କରିଥିଲେ।

ଦେଶର ଆଦିବାସୀ ଲୋକଙ୍କଦ୍ୱାରା ନିର୍ମିତ ବାଉଁଶ ତିଆରି ସାମଗ୍ରୀ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବାଉଁଶ ସାମଗ୍ରୀ ବ୍ୟବହାର ଅନେକ ଆଦିବାସୀ ମହିଳାଙ୍କ କର୍ମସଂସ୍ଥାନରେ ସହାୟକ ହେବ।

ଚଳିତ ବର୍ଷର ଶେଷ 'ମନ୍ କୀ ବାତ୍' ଶେଷ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଜନସାଧାରଣଙ୍କୁ ୨୦୨୩ ବର୍ଷ ପାଇଁ ନବ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି।




## ଚାଷୀଙ୍କୁ ଦଳିଦେଲା ଦନ୍ତା

**କାମାକ୍ଷାନଗର(ପିଏନ):** ଚାଷୀଙ୍କୁ ଚାଷ ଜମିରେ ଦଳିଦେଲା ଦନ୍ତା। ଆଜି ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ କଳଦା ଗାଁରେ ଘଟିଛି ଏହି ଘଟଣା। ମୃତକ ଜଣଙ୍କ ପରଜଙ୍ଗ ଥାନା କଳଦା ଗାଁର ରମେଶ ଚନ୍ଦ୍ର ସାହୁ। ସେ ଆଜି ସକାଳୁ ଗାଁ ପାଖ ମୁଣ୍ଡାନାଳୀ ନିକଟରେ ଧାନ ବିଲରେ ନଡ଼ା ଭିଡୁଥିବା ବେଳେ ଦନ୍ତା ହାତୀ ଆକ୍ରମଣର ଶିକାର ହୋଇଥିଲେ।ସ୍ଥାନୀୟ ଲୋକମାନେ ରମେଶଙ୍କ ଚିତ୍କାର ଶୁଣି ତାଙ୍କୁ ଧାନ ବିଲରୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପରଜଙ୍ଗ ମେଡ଼ିକାଲ ପରିସରରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା।ତେବେ ଏହି ଅଞ୍ଚଳରେ ୬୦ ଟିକିଆ ହାତୀ ପଲ ପଶି ଚାଷ ନଷ୍ଟ କରୁଥିବାରୁ ଏହାକୁ ନେଇ ଚିନ୍ତାରେ ପଡିଛନ୍ତି ଅଞ୍ଚଳବାସୀ। ଗତ କିଛି ଦିନ ମଧ୍ୟରେ ପରଜଙ୍ଗର ଆଖ ପାଖ ଅଞ୍ଚଳରେ ହାତୀ ଉପଦ୍ରବ ବଢିବାରେ ଲାଗିଛି।

## ନନ୍ଦନକାନନ ବୁଲିଲେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ

**ବାରଙ୍ଗ,(ପିଏନ):** ପବିତ୍ର ବଡଦିନ ତଥା ୨୦୨୨ ମସିହାର ଶେଷ ରବିବାର ଦିନ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ୫୧ ହଜାର ୫୦୬ ଜଣ ପର୍ଯ୍ୟଟକ ବୁଲିଛନ୍ତି। ପର୍ଯ୍ୟଟକମାନଙ୍କ ମଧ୍ୟରୁ ହଜାର ହଜାର ଲୋକ ଭୋଜିଭାତରେ ଦିନ ବିତାଇଛନ୍ତି।

ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ତରଫରୁ ମିଳିଥିବା ସୂଚନା ଅନୁସାରେ ଆଜି ପ୍ରାଣୀ ଉଦ୍ୟାନରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ବୁଲିଛନ୍ତି। ବିଗତ ୬ ବର୍ଷ ଉପରେ ନଜର ପକାଇଲେ ଏହା ସର୍ବକାଳୀନ ରେକର୍ଡ ଅତିକ୍ରମ କରିଛି। ନନ୍ଦନକାନନକୁ ୪୬ ହଜାର ୧୪୮ ପର୍ଯ୍ୟଟକ ଆସିଥିଲେ। ଏମାନଙ୍କ ମଧ୍ୟରୁ ୪୨,୫୭୧ ଜଣ ଅଫ୍‌ଲାଇନ୍‌ରେ ଟିକେଟ୍ କିଣିଥିଲେ। କାଉଣ୍ଟର ଖୋଲିବା ପୂର୍ବରୁ ପର୍ଯ୍ୟଟକମାନେ ଲମ୍ବା ଲାଇନ୍‌ରେ



ଛିଡା ହୋଇଥିଲେ। ସେହିପରି ଧାଡିରେ ରହିବାକୁ ଚାହିଁ ନ ଥିବା ୩୫୭୭ ଜଣ ପର୍ଯ୍ୟଟକ ଅନ୍‌ଲାଇନ୍‌ରେ ଟିକେଟ୍ କିଣିଥିଲେ। ମୋଟ୍ ୮୧୧ ଜଣ ପର୍ଯ୍ୟଟକ ଟଏ ଟ୍ରେନ୍‌ରେ ବସିଥିଲେ।

ନନ୍ଦନକାନନର ପଶୁ-ପକ୍ଷୀ ଖୁଆଡ, ଜଙ୍ଗଲ ସଫାରି, କାଞ୍ଜିଆ ହ୍ରଦରେ ପର୍ଯ୍ୟଟକମାନେ ଶେଷ ରବିବାର ବିତାଇଥିଲେ। ସକାଳ ୭ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନନ୍ଦନକାନନରେ ଭିଡ ପରିଲକ୍ଷିତ ହୋଇଥିଲା। ରାସ୍ତାକଡର ଦୋକାନୀମାନଙ୍କ ଠାରୁ ହୋଟେଲ ମାଲିକ, ଅଟୋ, ଟ୍ୟାକ୍ସି ଚାଳକମାନେ ମଧ୍ୟ ଆଜି ଭଲ ରୋଜଗାର କରିଥିଲେ।

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଗତ ଅକ୍ଟୋବର ୧ ତାରିଖ ଠାରୁ ପର୍ଯ୍ୟଟକମାନଙ୍କ ପାଇଁ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏଁ ଖୋଲା ରହୁଛି। ଯେଉଁମାନେ ଶୀତଋତୁରେ ଏହି ୨ଟି ଉଦ୍ୟାନ ବୁଲିବାକୁ ଚାହିଁବେ ସେମାନଙ୍କୁ ସୋମବାର (ସାପ୍ତାହିକ ଛୁଟି) ବ୍ୟତୀତ ପ୍ରତିଦିନ ଅପରାହ୍ଣ ୪ଟା ସୁଦ୍ଧା ପ୍ରବେଶ ପାଇଁ ଟିକେଟ୍ ମିଳିପାରିବ।

ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ୫୩୫୮ ଖଣ୍ଡ ଟିକେଟ ବିକ୍ରି ହୋଇଥିବା କର୍ତ୍ତୃପକ୍ଷଙ୍କ ସୂଚନା। ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ଅଧିକାଂଶ ଯୁବକ-ଯୁବତୀ ବୁଲୁଥିବାର ପରିଲକ୍ଷିତ ହୋଇଥିଲା। ବର୍ଷର ଶେଷ ରବିବାରକୁ ସ୍ମରଣୀୟ ରଖିବା ପାଇଁ ଯୁବଗୋଷ୍ଠୀ ସାଙ୍ଗ ହୋଇ ଭୋଜିଭାତର ଆସର କରୁଥିଲେ। କିଛି ଲୋକ ନିଜ ନିଜ ପରିବାରକୁ ନେଇ ଭୋଜି କରିବାକୁ ଯାଇଥିଲେ।

## ଫାଟିଲା ଗ୍ୟାସ୍ ଟ୍ୟାଙ୍କର୍, ୧୦ ମୃତ

**ନୂଆଦିଲ୍ଲୀ,୨୫/୧୨:** ଫାଟିଗଲା ଗ୍ୟାସ୍ ଟ୍ୟାଙ୍କର। ଏଲ୍‌ପିଜି ଗ୍ୟାସ୍ ନେଇ ଯାଉଥିବା ଟ୍ୟାଙ୍କର୍‌ରେ ଘଟିଲା ଭୟଙ୍କର ବିସ୍ଫୋରଣ। ଘଟଣାସ୍ଥଳରେ ହିଁ ଚାଲିଗଲା ୧୦ ଜଣଙ୍କ ଜୀବନ। ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ଅଞ୍ଚଳର ପୂର୍ବପ୍ରାନ୍ତରେ ଥିବା ବୋକ୍ସବର୍ଗ ସହରରେ।

ସୂଚନା ମୁତାବକ, ଟାମ୍ବୋ ମେମୋରିଆଲ ହସ୍ପିଟାଲ ନିକଟରେ ଶନିବାର ଲିକ୍ୟୁଡ୍ ପେଟ୍ରୋଲିଅମ୍ ଗ୍ୟାସ୍ ତଥା ଏଲ୍‌ପିଜି ନେଇ ଯାଉଥିବା ଏକ ଇନ୍ଧନ ଗ୍ୟାସ୍ ଟ୍ୟାଙ୍କର୍‌ରେ ବିସ୍ଫୋରଣ ହୋଇଛି। ପୋଲ ତଳ ଦେଇ ଟ୍ୟାଙ୍କର୍‌ଟି ଯାଉଥିବା ବେଳେ ହଠାତ୍ ଲାଖି ଯାଇଥିଲା। ଏହାପରେ ଏଥିରେ ବିସ୍ଫୋରଣ ଘଟିଥିଲା। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ଜଣ ଆହତ ହୋଇଛନ୍ତି।



ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ହସ୍ପିଟାଲର ଛାତର କିଛି ଅଂଶ ଭାଙ୍ଗି ଯାଇଛି। ଏଥିସହ ଆଖପାଖ ଅଞ୍ଚଳରେ ଥିବ କୋଠା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପାଖରେ ରଖାଯାଇଥିବା ଗାଡିଗୁଡିକ ମଧ୍ୟ ନଷ୍ଟ ହୋଇଯାଇଛି। ବିସ୍ଫୋରଣାର ହସ୍ପିଟାଲର ଛାତ୍ର ଭାଙ୍ଗିବା ପରେ ରୋଗୀମାନଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ସେଠାକାର ଜଣେ ଅଧିକାରୀଙ୍କ କହିବା ମୁତାବକ, ଟ୍ୟାଙ୍କରଟି ପୋଲ ତଳ ଦେଇ ଯାଉଥିବା ବେଳେ ଲାଖିଯାଇଥିଲା। ପୋଲ ତଳେ ଘଷିବା ହେବା ଯୋଗଉଁ ଏଥିରେ ନିଆଁ ଲାଗି ଥିଲା। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଥିବା ବେଳେ ଏଥିରେ ଭୟଙ୍କର ବିସ୍ଫୋରଣ ଘଟିଥିଲା।

ଏଥିଯୋଗୁ କିଛି ଅଗ୍ନିଶମ କର୍ମଚାରୀଙ୍କ ଏଥିରେ ମୃତ୍ୟୁ ହୋଇଥିବା କୁହାଯାଉଛି। ଏଥିସହ ଗୋଟିଏ ଦମକଳ ଓ ଦୁଇଟି ମୋଟରକାର୍ ନଷ୍ଟ ହୋଇଛି। ଆହତ ଟ୍ୟାଙ୍କର ଚାଳକଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁ ସଂଖ୍ୟା ବଢିବାରେ ବୋଲି ଆଶଙ୍କା କରାଯାଇଛି।

## ସବୁ ଜିଲ୍ଲାରେ କୋଭିଡ ଟେଷ୍ଟିଂ ବଢାଇବାକୁ ନିର୍ଦ୍ଦେଶ

### ୨୭ରେ ଡାକ୍ତରଖାନାରେ ମକ୍‌ଡ୍ରିଲ୍

**ଭୁବନେଶ୍ୱର,(ପିଏନ):** ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍‌ପିଟାଲ, ରାଉରକେଲା ସରକାରୀ ହସ୍‌ପିଟାଲ ସମେତ ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଥିବା ଡାକ୍ତରଖାନାଗୁଡିକରେ ଡିସେମ୍ବର ୨୭ ତାରିଖରେ ମକ୍‌ଡ୍ରିଲ୍ ହେବ। ସବୁ ଜିଲ୍ଲାରେ କୋଭିଡ ଟେଷ୍ଟିଂ ବଢାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି।ରାଜ୍ୟରେ କୋଭିଡ ମୁକାବିଲା ନେଇ ଭିସିରେ ଉଚ୍ଚସ୍ତରୀୟ ବୈଠକ ପରେ ଶ୍ରୀ ମିଶ୍ର କହିଛନ୍ତି ଯେ,କୋଭିଡ ମୁକାବିଲା ନେଇ ରାଜ୍ୟ ସରକାର ପୂରା ପ୍ରସ୍ତୁତ ଅଛନ୍ତି।

ସୂଚନାଯୋଗ୍ୟ, ବିଦେଶରେ (ଜାପାନ, କୋରିଆ, ଆମେରିକା, ଫ୍ରାନ୍ସ, ବ୍ରାଜିଲ୍, ଜର୍ମାନି ଓ ଚୀନ୍) କରୋନା ଓମିକ୍ରନ୍‌ର ନୂଆ ଭାରିଆଣ୍ଟ ଖୁବ୍ ଶୀଘ୍ର ବ୍ୟାପୁଥିବା ବେଳେ ରାଜ୍ୟ ସରକାର ଏ ସଂପର୍କରେ ଅବଗତ ହୋଇ ଜନସାଧାରଣଙ୍କ ପାଇଁ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିସନର ତଥା ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଗତ ୨୩ ତାରିଖରେ ଲୋକସେବା ଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଜନସାଧାରଣଙ୍କୁ ମାସ୍କ ପିନ୍ଧିବା, ହାତ ଧୋଇବା, ଲକ୍ଷଣ ଦେଖାଗଲେ ଗୃହରେ ଅନ୍ୟମାନଙ୍କ ଠାରୁ ଅଲଗା ରହିବା ଏବଂ ସର୍ବସାଧାରଣସ୍ଥଳରେ ଛେପ ନ ପକାଇବା ପାଇଁ ପରାମର୍ଶ ଦେଇଥିଲେ।

ବୈଠକରେ ଆଲୋଚନା ହୋଇଥିଲା ଯେ, ଓମିକ୍ରନ୍‌ର ନୂଆ ଭାରିଆଣ୍ଟ ସେତେ ଭୟଙ୍କର ନୁହେଁ। କିନ୍ତୁ ସମସ୍ତଙ୍କୁ ସତର୍କ ରହିବାର ଆବଶ୍ୟକତା ରହିଛି। କରୋନାର ନୂତନ ଲହରକୁ ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହିଁ। ରାଜ୍ୟ ସରକାର କୋଭିଡ ଟେଷ୍ଟିଂକୁ ଗୁରୁତ୍ୱ ଦେଉଛନ୍ତି। ଏଥି ପାଇଁ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଟେଷ୍ଟିଂ ଜାରି ରହିଛି। ଜାତୀୟ ହାର ତୁଳନାରେ ଓଡିଶାରେ ଦୈନିକ ଅଧିକ ଟେଷ୍ଟିଂ କରାଯାଉଛି। ନୂଆ ଭାଇରସ୍ ପାଇଁ ଭୁବନେଶ୍ୱରର ଆଇଏଲ୍‌ଏସ୍ ଓ ଆରଏମ୍‌ଆରସି ଏବଂ ଏସ୍‌ସିବିରେ ଜିନୋମ ସିକ୍‌ବେନ୍ସିଂ କରାଯାଉଛି।

କୋଭିଡ ଚିକିତ୍ସା ଲାଗି ଏସ୍‌ସିବି, ଏମ୍‌କେସିଜି ଓ ବୁର୍ଲା ମେଡିକାଲରେ ୨୦ଟି ଲେଖାଏଁ ବେଡ ପ୍ରସ୍ତୁତ ରହିଛି। ଏଥିରେ ୧୫ଟି ଅକ୍ସିଜେନ ବେଡ୍ ଓ ୫ଟି ଆଇସିୟୁ ବେଡ୍ ସାମିଲ ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ୨୦ଟି ଲେଖାଏଁ ବେଡ ସଂଖ୍ୟା ବୃଦ୍ଧି କରାଯାଇପାରେ। ଜିଲ୍ଲା ଡାକ୍ତରଖାନାଗୁଡିକରେ ୧୦ଟି ଲେଖାଏଁ ଅକ୍ସିଜେନ ସପୋର୍ଟ ଥିବା ବେଡର ବ୍ୟବସ୍ଥା କରାଯାଇଛି।

## ଅନୁଗୋଳ ଜିଲ୍ଲା କ୍ରିକେଟ୍ ସଂଘର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ରାଜ୍ୟ ଖେଳ ମାନଚିତ୍ରରେ ଅନୁଗୋଳକୁ ଅଗ୍ରଣୀ ଅଂଚଳ ଭାବେ ଗଢ଼ିବା:ଧର୍ମେନ୍ଦ୍ର ପ୍ରଧାନ

**ଅନୁଗୋଳ,(ପିଏନ):** ଶିଳ୍ପ ସମୃଦ୍ଧ ଅଂଚଳ ଅନୁଗୋଳରେ ଏକ ଅନ୍ତର୍ଜାତୀୟ ସ୍ତରର କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବା ସହ ଅନ୍ୟାନ୍ୟ କ୍ରୀଡାଭିତ୍ତିକ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାର ଲୋକମାନେ ସଂକଳ୍ପ କରିବା ଉଚିତ୍ । ସଂକଳ୍ପ କଲେ ହିଁ ଏହି ଲକ୍ଷ୍ୟ ଆଗକୁ ଯିବାର ବାଟ ଦେଖାଇବ ବୋଲି ରବିବାର କଦମ ପଡିଆ ଠାରେ ଅନୁଗୋଳ କ୍ରିକେଟ୍ କପର ଉଦଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅନୁଗୋଳ ଜିଲ୍ଲା କ୍ରିକେଟ୍ ସଂଘର ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳ ଜିଲ୍ଲାରେ ଖେଳ ପ୍ରତି ଯୁବବର୍ଗଙ୍କ ମଧ୍ୟରେ ବହୁତ ଆଶକ୍ତି ଅଛି । ଅନୁଗୋଳ ଗୋଟିଏ ସମ୍ପନ୍ନ ଜିଲ୍ଲା ହେବା ପରେ ମଧ୍ୟରେ ଅନୁଗୋଳର ମୁଖ୍ୟ ଷ୍ଟାଡିୟମ ଠିକ୍ ସେ ହୋଇପାରିନାହିଁ । ତେଣୁ ଏଠାରେ ଖୁବ ଶୀଘ୍ର ଅନୁଗୋଳର ମୁଖ୍ୟ ଷ୍ଟାଡିୟମ, କଦମ ପଡିଆ ବ୍ୟତିତ ଅନ୍ୟ ଏକ



ଅତ୍ୟାଧୁନିକ ଆନ୍ତର୍ଜାତିକ ସ୍ତରର ଷ୍ଟାଡିୟମ ନିର୍ମାଣ କରିବା ପାଇଁ ସମସ୍ତେ ସଂକଳ୍ପ କରିବା ଦରକାର । ଷ୍ଟାଡିୟମ ନିର୍ମାଣ ହେବା ଦ୍ୱାରା ସ୍ଥାନୀୟ ଅଂଚଳର ପିଲାମାନଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ବଢିବ ବୋଲି ସେ କହିଛନ୍ତି । ସେହିପରି ଆଗାମୀ ଦିନରେ ଅନୁଗୋଳ ଜିଲ୍ଲା ରଣଜୀ ଟ୍ରଫିର ବ୍ୟବସ୍ଥା କରିବା ପାଇଁ ରାଜ୍ୟ କ୍ରିକେଟ୍ ସଂଘ(ଓସିଏ)କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ କହିଛନ୍ତି କଦମ ପଡିଆ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଏବଂ ପରବର୍ତୀ ପର୍ଯ୍ୟାୟରେ ଅନୁଗୋଳ ଜିଲ୍ଲାର ସାଂସ୍କୃତିକ ପେଣ୍ଠସ୍ଥଳୀ ଥିଲା । ଖେଳର ଭିତ୍ତିଭୂମି ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ଓ ଜିଲ୍ଲାବାସୀଙ୍କ ମଧ୍ୟରେ ସାମର୍ଥ୍ୟ ଅଛି । ଅନୁଗୋଳରେ ଶିଳ୍ପାୟନ ଭଳି ଖେଳ କ୍ଷେତ୍ରକୁ ବିକାଶ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ରାଜ୍ୟର ଖେଳ ମାନଚିତ୍ରରେ ଅନୁଗୋଳକୁ ଅଗ୍ରଣୀ ଅଂଚଳ ଭାବେ ତିଆରି କରିବାର ଲକ୍ଷ୍ୟ ନେଇ ସମସ୍ତେ ଆଗକୁ ବଢିବା ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୩୬ରେ ଦେଶରେ ଅଲିମ୍ପିକ ହେବା ପାଇଁ ଯୋଜନା କରାଯାଉଛି । ଗତବର୍ଷ ଓଡ଼ିଶାରୁ ୭ ଜଣ ପିଲା ଅଲିମ୍ପିକରେ ଭାଗ ନେବା ଗୌରବର ବିଷୟ । ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବା ସମୟରେ ରାଜ୍ୟରୁ ୧୦୦ ଜଣ ଅଲମ୍ପିଆନ ବାହାର କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଜିଲ୍ଲାରେ କ୍ରିକେଟ୍ ପ୍ରତିଯୋଗିତା ମାଧ୍ୟମରେ ଖେଳ ପ୍ରତି ଯୁବପିଢିଙ୍କୁ ଆକୃଷ୍ଟ କରିବା ସହ ସେମାନଙ୍କ ମନରେ ଖେଳୁଆଡ ମନୋବୃତ୍ତି ବଢାଇବା ପାଇଁ ଜିଲ୍ଲା କ୍ରିକେଟ୍ ସଂଘର ଭୂମିକାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ ଅନୁଗୋଳ କ୍ରିକେଟ୍ କପର ଫାଇନାଲ ମ୍ୟାଚରେ ବିଜୟୀ ଟିମ ୟୁନିୟନ ସ୍ପୋର୍ଟି, କଟକ ଓ ପ୍ରତିଦ୍ୱନ୍ଦୀ ଟିମ ଅନୁଗୋଳ କ୍ରିକେଟ୍ କ୍ଲବର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ।










# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ନବମ ରାଷ୍ଟ୍ରପତି-ଡକ୍ଟର ଶଙ୍କର ଦୟାଲ୍ ଶର୍ମା



ଦେଶଭକ୍ତ, ଚିନ୍ତାନାୟକ, ମାତୃଭକ୍ତ, ପରୋପକାରୀ, ମାନବପ୍ରେମୀ, ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଭୋପାଳ ନଗରୀର ମଧ୍ୟଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀଙ୍କ କୋଳ ମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ। ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କରଙ୍କୁ ପୂଜା ଆରାଧନା କରୁଥିବାରୁ ପ୍ରଥମ ପୁତ୍ରର ନାମ ଶଙ୍କର ଦୟାଲ ଦେଇଥିଲେ। ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ। ଶଙ୍କର ଛୋଟ ଥିବା ସମୟରେ ତାଙ୍କର ମା ସୁଭଦ୍ରା ଦେବୀ ଆଖି ବୁଜି ଦେଲେ। ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଈଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସମ୍ପତ୍ ବାଇ ଚାରୋଟି ପୁଅଜନ୍ମ ଦେଲେ-ଶମ୍ଭୁ, ଶିବ, ଇଶ ଓ ସୋମେଶ। ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ ହେଲେ ସ୍ନେହଶ୍ରଦ୍ଧା, ମା’ ସମ୍ପତ୍ ଊଣା କରୁ ନଥିଲେ।

ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ, ପରିବାରରେ ସର୍ବଦା ପୂଜା-ପାଠ, ବ୍ରତ, ଉପବାସ, ନାମ କୀର୍ତନ ଚାଲିଥାଏ। ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା। ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟି ଯାକ ଜୀବନ ପାଇଁ ଆବଶ୍ୟକ। ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜା ପାଠ ଆତ୍ମାକୁ ସୁଦୃଢ କରିଥାଏ। ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲ ପାଠପଢା ଆରମ୍ଭ କରିଥିଲେ। ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ। ଭୋପାଳରେ ରହି ସେ ଆଇ.ଏ. ପରୀକ୍ଷାରେ ଉତୀର୍ଣ୍ଣ ହେଲେ। ଆଗ୍ରାର ସେଣ୍ଟଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ, କଳା ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ। ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ପାଠ ପଢିଲେ। ସେଠାରେ ସେ ହିନ୍ଦି, ଇଂରାଜୀ ଓ ସଂସ୍କୃତରେ ଏମ.ଏ. ପାଶ୍ କରିଥିଲେ। ତାପରେ ସେ ଏଲ୍.ଏଲ୍.ବି.ଓ ଏଲ୍.ଏଲ୍.ଏମ୍. ଉପାଧି ଲାଭ କଲେ। ପାଠପଢା ପରେ ସେ ସେହି ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ଚାକିରୀ ପରେ ତାଙ୍କ



ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇପାରିଲା। ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ। ଲଣ୍ଡନରୁ ବାରିଷ୍ଟରି, ସାଧାରଣ ପ୍ରଶାସନରେ ଡିପ୍ଲୋମା, ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟଳୟରୁ ଆଇନ ଡକ୍ଟରେଟ ଉପାଧି ଲାଭ କଲେ। ହାୱାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ବିଦେଶରୁ ଉଚ୍ଚଶିକ୍ଷା ଲାଭକରି ସେ ଭାରତକୁ ଫେରି ଆସିଲେ। ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କଲେ।

ଶଙ୍କର ଦୟାଲ ନିଜ ଜୀବନରେ ଦୁଇଥର ବିବାହ କରିଥିଲେ। ପ୍ରଥମେ ବାଲ୍ୟ ବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା। ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣତ୍ୟାଗ କରିଥିଲେ। ତେଣୁ ଶଙ୍କର ଦୟାଲ ଦ୍ୱିତୀୟ ବିବାହ ବିମଳା ଦେବୀଙ୍କ ସହିତ କରିଥିଲେ। ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ। ବିମଳା ଦେବୀ ରଜସ୍ଥାନର ଏକ ଆଭିଜାତ୍ୟ ଶିକ୍ଷିତ ପରିବାରରୁ ଆସିଥିଲେ। ସେ ଜଣେ ଧର୍ମପରାୟଣା, ପତିବ୍ରତା ନାରୀ ଥିଲେ। ଶଙ୍କର ଦୟାଲଙ୍କ ରାଜନୈତିକ ଜୀବନସାଥୀ ଥିଲେ। ଶଙ୍କର ଦୟାଲ ବ୍ରାହ୍ମଣ ହୋଇ ପୂଜାପାଠ ପ୍ରତିଦିନ କରୁଥିଲେ। ଖାଇବା ପୂର୍ବରୁ ଖାଦ୍ୟକୁ ଈଶ୍ୱରଙ୍କୁ ସମର୍ପଣ କରୁଥିଲେ। ଧର୍ମ ନାମରେ ଛୁଆଁ ଅଛୁଆଁକୁ ସେ ବିଶ୍ୱାସ କରୁ ନଥିଲେ। ଛୋଟ ବେଳୁ ଶଙ୍କର ଦୟାଲ ଗୁରୁଜନମାନଙ୍କୁ ଭକ୍ତି କରୁଥିଲେ। ଯେଉଁ ସମୟରେ ଗାନ୍ଧି ଟୋପି ପିନ୍ଧିବାକୁ ଲୋକମାନେ ଭୟ କରୁଥିଲେ ସେହି ସମୟରୁ ସେ ଟୋପି ପିନ୍ଧୁଥିଲେ।

ଭାରତ ସ୍ୱାଧୀନ ହେଲାପରେ କେତେଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି। ଭୋପାଳରେ ଅତ୍ୟାଚାରୀ ନବାବ ହମୀଦ୍ ଉଲ୍ଲାହ ଖାଁ ଶାସନ କରୁଥିଲେ। ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜଙ୍କୁ ସମର୍ଥନ କରୁଥିଲେ। ଭି.ପି. ମେନନ୍ ମଧ୍ୟ ଭୋପାଳକୁ ଭାରତରେ ମିଶାଇପାରିଲେ ନାହିଁ। ଏହିଭଳି ପରିସ୍ଥିତି ଭିତରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା। ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ। ଏହି ଖବର ପାଇ ମା ସମ୍ପତ୍ ବାଈ ଅଧିକ ବ୍ୟସ୍ତ ହୋଇପଡିଲେ। ଅତ୍ୟାଚାରୀ ନବାବର କଠୋର ଶାସନ ମା’ ମନକୁ ଶଙ୍କିତ କରୁଥିଲା। ଆନ୍ଦୋଳନରେ ଶଙ୍କର ଦୟାଲଙ୍କ ସହିତ ଲାଲ ସିଂହ, ଭୈରବ ପ୍ରସାଦ ଓ ଉଦ୍ଧବ ଦାସ ମେହେଟ୍ଟା ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନବାବ ଆନ୍ଦୋଳନକାରୀଙ୍କ ଉପରେ ଦମନଲୀଳା ଆରମ୍ଭ କରିଦେଲେ। ପୋଲିସ୍ ଗୁଳିମାଡରେ ଅନେକ ସହିଦ ହୋଇଗଲେ। ଅତ୍ୟାଚାରୀ ନବାବ ଲୋକଶକ୍ତି ଆଗରେ ହାର ମାନିଲେ। ଶଙ୍କର ଦୟାଲ ଜେଲ ଗଲେ; କିନ୍ତୁ ତାଙ୍କ ଜନ୍ମମାଟି ଭୋପାଳ ରାଜଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା। ୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା।

ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ। ଭୋପାଳର ନବଗଠିତ ମନ୍ତ୍ରିମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ। ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ। ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା, ଲୋକନିର୍ମାଣ, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ। ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭାବେ ସେ ନିର୍ବାଚିତ ହେଲେ। ଏସ୍. ନିଜଲିଙ୍ଗପ୍ପା ତାଙ୍କୁ କେନ୍ଦ୍ରୀୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ନିଜଲିଙ୍ଗପ୍ପା ଓ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ମତପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା। ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ (ଆର)ରେ ଯୋଗଦେଲେ। ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧ୍ୟକ୍ଷ ହେଲେ। ଏହି ସମୟରେ ବ୍ୟାଙ୍କଗୁଡିକ ରାଷ୍ଟ୍ରୀୟକରଣ ହେଲା। ଅଧ୍ୟକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ।

ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ। ଏହାପରେ ଶଙ୍କର ଦୟାଲ ଆନ୍ଧ୍ରପ୍ରଦେଶ, ପଂଜାବ ଓ ମହାରାଷ୍ଟ୍ରର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ଥୀମାନେ ତାଙ୍କ ଝିଅ ଗୀତାଞ୍ଜଳି ଓ ଜ୍ୱାଇଁ ଲଳିତ ମାକନଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଦୁଃଖକୁ ସେ ଧୈର୍ଯ୍ୟର ସହିତ ସହିଗଲେ। ୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ। ଏହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ। ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି। ସେ ଆଉ ପୁଅ ମନପସନ୍ଦର ଲଡୁ, ବାଇଗଣ ଭର୍ତା, ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି। ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା ହେବ। ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତି ଡକ୍ଟର. ଶଙ୍କର ଦୟାଲ ଶର୍ମା।

ଶଙ୍କର ଦୟାଲ ଶର୍ମା ରାଷ୍ଟ୍ରପତି ନିର୍ବାଚନରେ ରାମଜେଠାମାଳିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ। ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ସମୟର ସଦୁପଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା। ସେ ଅଧିକ ଶୁଣନ୍ତି କମ୍ କଥା କୁହନ୍ତି। ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ। ଶଙ୍କର ଦୟାଲ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ୍ୟ ବୁଝୁଥିଲେ। ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୯୯୭ ମସିହା ଜୁଲାଇ ୨୫ ତାରିଖ ଦିନ ସେ ରାଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ। ସବୁଦିନ ପାଇଁ ରାଷ୍ଟ୍ରପତି ଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀସ୍ଥିତ ତେଇଶି ସଫଦରଜଙ୍ଗ ବାସଭବନରେ ନିଜର ପରିବାର ସହିତ ରହି ଦେଶସେବା, ଜନହିତକର କାର୍ଯ୍ୟରେ ମନପ୍ରାଣ ଢାଳିଦେଲେ।

ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ। ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଲା। ଡାକ୍ତରଙ୍କର ବହୁ ଚେଷ୍ଟା ସତ୍ୱେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କର ମରଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ବେଦମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା। ତାଙ୍କର ପୁତ୍ର ଆଶୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ। ଶଙ୍କର ଦୟାଲ ହଜିଗଲେ ସତ; ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ।

**——ଅକ୍ଷୟ କୁମାର ରାଉତ, ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫**

# ଜଣେ ମହାନ ଆତ୍ମାର ଜନ୍ମ ସମ୍ପର୍କରେ...



କୁହାଯାଏ କର୍ତ୍ତବ୍ୟକୁ ସଠିକ ଭାବେ ପାଳନ ନକଲେ ଫଳାଫଳ ଭଲ ହୁଏନାହିଁ। ସମସ୍ତଙ୍କୁ ଭଲଫଳ ଦରକାର। ସେଥିପାଇଁ କର୍ତ୍ତବ୍ୟ ଓ କର୍ମ ଭଲ ହେବା ଦରକାର। କର୍ତ୍ତବ୍ୟ ପାଇଁ ଭକ୍ତି, ଦାନ ଓ ଶୃଙ୍ଖଳା ଦରକାର। କେତେକ ନିୟମର ଧାରା ମାନିବାକୁ ଶୃଙ୍ଖଳା କୁହାଯାଏ। କର୍ମ କରିବାର ଅଦମ୍ୟ ଉତ୍ସାହ ସହିତ ଶୃଙ୍ଖଳା ଦରକାର। କର୍ମ ଯାହା ଉଦ୍ଦେଶ୍ୟରେ କରାଯାଉଛି ସେଥିପ୍ରତି ଭକ୍ତି ଥିବା ଦରକାର। ତେଣୁ କୁହାଯାଏ ଶ୍ରଦ୍ଧାରହିତ ପ୍ରେମ ପ୍ରମାଦପୂର୍ଣ୍ଣ ଓ ଶ୍ରଦ୍ଧା ସହିତ କର୍ମ ବାଞ୍ଛନୀୟ।

ଡିସେମ୍ବର ମାସ ଆସିଲେ ପୁଷ୍ପାଞ୍ଜଳୀ ଭାରି ଖୁସି ହୁଏ। ବିଭିନ୍ନ ପ୍ରକାରର ଦାମୀ ଦାମୀ ଶୀତ ପୋଷାକ ତାର ବାପା ତାକୁ କିଣି ଦିଅନ୍ତି, ଘରକୁ ଛୁଟିରେ ଅନେକ ଲୋକ ଆସନ୍ତି। ସେମାନେ କହନ୍ତି ଯୀଶୁଖ୍ରୀଷ୍ଟଙ୍କର ଜନ୍ମଦିନ ପାଇଁ ଡିସେମ୍ବର ମାସଟିକୁ ଖ୍ରୀଷ୍ଟମାସ କୁହାଯାଏ। ପୁଷ୍ପାଞ୍ଜଳୀ ଦେଖେ ସେ ମାସରେ ଲୋକେ ବଡ଼ଦିନ ସଙ୍ଗୀତ ଗାନ କରନ୍ତି। ଯୀଶୁଙ୍କ ଜନ୍ମକୁ ଆଧାର କରି ନାଟକ କରନ୍ତି। ନାନାପ୍ରକାର ସାଜସଜ୍ଜା ହୁଏ। ଉପହାର, ଅଭିନନ୍ଦନ କାର୍ଡ଼ର ଆଦାନ ପ୍ରଦାନ ପ୍ରଭୃତି ହୁଏ। ପିଠାପଣା ଓ ମିଠାଇର ଭୋଜି ହୁଏ।



ପୁଷ୍ପାଞ୍ଜଳୀ ଦିନେ ବାପାଙ୍କୁ ପଚାରିଲା ଏକ୍ସମାସ ଶବ୍ଦର ଅର୍ଥ କ’ଣ? ବାପା କହିଲେ କଣ ସେଥିରୁ ପାଇବୁ କେକ୍ କାଟ ଖାଇବା। ମା’ଙ୍କୁ ପଚାରିବାରୁ ସେ କହିଲେ ମୁଁ ଜାଣିନି। ପୁଷ୍ପାଞ୍ଜଳୀ ବନ୍ଧୁ ଯୋଶେଫ ତାକୁ କହିଲା ମାସ୍ ହେଉଛି ଗୀର୍ଜାରେ ଅନୁଷ୍ଠିତ ହେଉଥିବା ବିଶେଷ ଧରଣର ପ୍ରାର୍ଥନା କାର୍ଯ୍ୟକ୍ରମ। ‘ଏକ୍ସ’ ଶବ୍ଦର ଅର୍ଥ ଗ୍ରୀସରେ ଯୀଶୁଙ୍କ ନାମର ପ୍ରଥମ ଅକ୍ଷର। ଗ୍ରୀସରେ ‘ଏକ୍ସ’ଟି ଗୋଟିଏ ପବିତ୍ର ଚିହ୍ନ ରୂପେ ବ୍ୟବହୃତ ହୁଏ। ଯୋଶେଫ ବଡ଼ଦିନର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ପୁଷ୍ପାଞ୍ଜଳୀକୁ କହିଲା ଯୀଶୁଙ୍କର ଜନ୍ମତିଥିକୁ ଆମେ ହୃଦୟର ସହ ପାଳନ କରିବା ଦରକାର। ଏହାର ଅର୍ଥ ଯୀଶୁ ଦେଖାଇଥିବା ଆଦର୍ଶମାନଙ୍କ ମଧ୍ୟରୁ ଗୋଟିଏ ଦୁଇଟିକୁ ଅଭ୍ୟାସ କରିବା ଦ୍ୱାରା ତାହା ପାଳିତ ହୋଇପାରିଥାଏ। ଯୀଶୁଙ୍କ ଜୀବନ ହେଉଛି ନିଃସ୍ୱାର୍ଥପର ପ୍ରେମପୂର୍ଣ୍ଣ ସେବାର ଏକ କାହାଣୀ। ଲୋକଙ୍କ ସୁଖଦୁଃଖରେ ଭାଗୀ ହୋଇ ଭାଇ ଭାଇ ପରି ବଞ୍ଚିବାକୁ ସେ ଶିକ୍ଷା ଦେଇଥିଲେ। ଯୀଶୁ ଲୋକମାନଙ୍କ ହୃଦୟରେ ବିଶ୍ୱାସ, ଦୟା, ପ୍ରେମ, ସହନଶୀଳତା ଆଦି ଗୁଣମାନ ସଞ୍ଚାର କରିଥିଲେ। ପୁଷ୍ପାଞ୍ଜଳୀ ଯୋଶେଫଙ୍କୁ ପଚାରିଲା ଯୀଶୁ କଣ ବୁଦ୍ଧଙ୍କ ପରି ଥିଲେ? ଯୋଶେଫ କହିଲା ହଁ ସେ ସୁଖ, ସ୍ୱାଚ୍ଛନ୍ଦ୍ୟ, ନିରାପତ୍ତା ଭୋଗ ଉପଭୋଗ ଲୋକଙ୍କ ଶତ୍ରୁତାକୁ ସେ ସାହସର ସହ ସମ୍ମୁଖୀନ ହୋଇଥିଲେ। କୌଣସି ଚାପରେ ପଡ଼ି ସେ ଆଦର୍ଶକୁ ଛାଡ଼ିନଥିଲେ, ଅହଂକାରକୁ ଦମନ କରିବାରେ ସେ ସକ୍ଷମ ଥିଲେ।

ପୁଷ୍ପାଞ୍ଜଳୀ କହିଲା ମୁଁ ଯୋଶେଫ ଏଥର ବୁଝିଗଲି ଯେଉଁମାନଙ୍କ ପାଖରେ ଭଲ ବା ଦିବ୍ୟ ଗୁଣ ଥାଏ ତାହାକୁ ଆମେ ଶ୍ରଦ୍ଧା ଓ ସମ୍ମାନ କରିଥାଉ। ସେଥିପାଇଁ ବଡ଼ଦିନ ଛୁଟି ହୋଇଥାଏ। ପୁଷ୍ପାଞ୍ଜଳୀ ଘରକୁ ଫେରି ଯୋଶେଫ କହିଥିବା କଥା ତାର ମାଆଙ୍କୁ କହିବାରୁ ମାଆ ଆଉ ଦୁଇପଦ ଯୋଡ଼ି କହିଲେ ଯୀଶୁଙ୍କର ମାଆଙ୍କ ନାମ ମେରି ଓ ପିତା ନାମ ଯୋଶେଫ। ମେରୀ ଲୋକଙ୍କ ହୃଦୟ ସହ ତୁଳନୀୟ ଓ ଯୀଶୁ ହୃଦୟରେ ଜାତ ହେଉଥିବା ସନ୍ତୋଷ ବା ଆନନ୍ଦ ସହ ତୁଳନୀୟ। ସେଥିପାଇଁ ତୁ ଚିତ୍ରରେ ମେରୀ ସର୍ବଦା ଯୀଶୁଙ୍କୁ କୋଳରେ ଧରିଥିବା ଦେଖିବାକୁ ପାଇବୁ। ଯୀଶୁଙ୍କ ପ୍ରଦତ୍ତ ସଦ୍‌ଗୁଣକୁ ଅଭ୍ୟାସ କରି ଆନନ୍ଦ ଓ ସୁଖ ଲଭିବା ହେଉଛି ତାଙ୍କ ଜନ୍ମ ଦିବସ ପାଳନର ପ୍ରକୃତ ଅର୍ଥ।

ପୁଷ୍ପାଞ୍ଜଳୀ ତାର ବାପାଙ୍କୁ ଯୀଶୁଙ୍କ ଜନ୍ମ କାହାଣୀ କହିବାକୁ କହିଲା। ବାପା କହିଲେ ଯୀଶୁ ଜନ୍ମ ହେବା ପୂର୍ବରୁ ସିଜାର ଅଗଷ୍ଟସ ଆଦେଶ ଜାରି କଲେ ଯେ ରୋମ ରାଜ୍ୟର ସବୁ ଲୋକ ତାଙ୍କ ପୂର୍ବପୁରୁଷ ରହିଥିବା ନିଜ ନିଜ ନଗରକୁ ଯାଇ କର ଦାଖଲ କରିବେ। ତେଣୁ ଯୋଶେଫ ଓ ମେରୀ ନାଜରେଥ ସହରର ଗାଲିଲି ଠାରୁ ବେଥଲହେମ କୁହାଯାଉଥିବା ଡେଭିଡ ସହରର ଜୁଡ଼ାକୁ ବାହାରିଲେ। ଯୋଶେଫ ରାଜା ଡେଭିଡଙ୍କ ବଂଶଧର ଥିଲେ। ମେରୀ ସନ୍ତାନସମ୍ଭବା ଥିବାରୁ ଗୋଟିଏ ଗଧ ଉପରେ ବସି ଯାତ୍ରା କଲେ ଓ ଯୋଶେଫ ଚାଲି ଚାଲି ଗଲେ। ବାଟରେ ପଡୁଥିବା ବିଶ୍ରାମ ଗୃହ ଲୋକଙ୍କ ଦ୍ୱାରା ପୂରିଯାଇଥିଲା। ମେରୀ ଓ ଯୋଶେଫ ବିଶ୍ରାମସ୍ଥଳୀ ଖୋଜି ଖୋଜି ବିଫଳ ହେଲେ। ଜଣେ ସରେଇ ରକ୍ଷକ ମେରୀଙ୍କ କ୍ଲାନ୍ତ ମୁଖ ଦେଖି ଦୟାପରବଶ ହୋଇ ସରେଇ ଘର ପଛ ପାଖରେ ଥିବା ଗୋଟିଏ ଘୋଡ଼ାଶାଳରେ ବ୍ୟବସ୍ଥା କରିଦେଲେ। ମେରୀ ଓ ଯୋଶେଫ କୃତଜ୍ଞତାର ସହ ସେଠାରେ ଆଶ୍ରୟ ନେଲେ ଓ ସେଦିନ ରାତିରେ ମେରି ଗର୍ଭସ୍ଥ ଶିଶୁଟିକୁ ଜନ୍ମ ଦେଲେ। ଲୁଗାରେ ଶିଶୁଟିକୁ ଭଲରୂପେ ଗୁଡ଼ାଇ ଦେଇ ସୁରକ୍ଷିତ ନରମ ଘାସରେ ଶଯ୍ୟା ତିଆରି କରି ଘୋଡ଼ା ଖାଇବା କୁଣ୍ଡରେ ଶୁଆଇ ଦେଲେ। ସେଦିନ ରାତିରେ ବେଥଲହମ ସହର ସୀମା ବାହାରେ ଦଳେ ମେଷ ପାଳକ ନିଆଁ ଜଳାଇ ତାର ଚାରିପଟେ ବସି ମେଷ ପଲକୁ ଜଗିଥିଲେ। ସେମାନେ ଏକ ଦିବ୍ୟ ଦୃଶ୍ୟ ଦେଖିବାର ସୁଯୋଗ ପାଇଲେ। ହଠାତ ଜଣେ ଦେବଦୂତ ସେମାନଙ୍କ ଆଗରେ ଉଭା ହେଲେ, ପ୍ରଭୁଙ୍କ ମହିମାରୁ ଚତୁର୍ଦ୍ଦିଗ ଉଜ୍ଜ୍ୱଳ ଦିଶିଲା। ମେଷ ପାଳକମାନେ ଡରିଯାଇ ପରସ୍ପରକୁ ଜାବୁଡ଼ି ଧରିଲେ। ଦେବଦୂତ କିନ୍ତୁ ସେମାନଙ୍କୁ ନଡରିବାକୁ କହିଲେ। ଦେବଦୂତ କହିଲେ ମୁଁ ତୁମ ପାଇଁ ଶୁଭ ଖବର ଆଣିଛି। ଆଜି ଡେଭିଡ଼ ସହରରେ ଲୋକଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଜନ୍ମଗ୍ରହଣ କରିଛନ୍ତି। ସେ କନାରେ ଗୁଡ଼ା ହୋଇ ଘୋଡ଼ା ଖାଇବା କୁଣ୍ଡରେ ଶୋଇଥିବ। ତୁମେମାନେ ଦେଖିପାରିବ। ହଠାତ୍ ଦଳେ ଦେବଦୂତ ଈଶ୍ୱରଙ୍କୁ ସ୍ତୁତି କରି ସେଠାରେ ପହଞ୍ଚିଲେ। ସେମାନେ କହୁଥାନ୍ତି ଈଶ୍ୱରଙ୍କର ଜୟ ହେଉ, ଲୋକମାନଙ୍କର ଶାନ୍ତି ଓ ମଙ୍ଗଳ ହେଉ। ମେଷପାଳକମାନେ ସେଠାରୁ ଦୌଡ଼ିଲେ। ବହୁ କଷ୍ଟରେ ଘୋଡ଼ାଶାଳଟିକୁ ପାଇଲେ। ସେଠାରେ ମେରୀ ଯୋଶେଫ ଓ କୁଣ୍ଡରେ ଶୋଇଥିବା ଶିଶୁକୁ ଦେଖିଲେ। ମେଷପାଳକମାନେ ଭକ୍ତିରେ ଆଣ୍ଠୁମାଡ଼ି ବସିଲେ ଓ ଦେବଦୂତମାନଙ୍କ କଥା ମେରୀ ଓ ଯୋଶେଫଙ୍କ ଆଗରେ ବଖାଣିଲେ। ଭଗବାନଙ୍କର ଦିବ୍ୟ ଲୀଳାରେ ଆଶ୍ଚର୍ଯ୍ୟ ହୋଇ ପ୍ରଶଂସା କରି ତାଙ୍କର ମହିମା ପ୍ରଶସ୍ତି ଗାନ କରି ଚାଲି ଆସିଲେ।

ବେଥଲହାମରେ ଯୀଶୁ ଯେଉଁଦିନ ଜନ୍ମଲାଭ କରିଥିଲେ ସେଠିକାର ରାଜା ହେରେଡଙ୍କ ପାଖରେ ଦଳେ ଜ୍ଞାନୀ (ଜ୍ୟୋତିଷ) ଲୋକ ଆସି ପହଞ୍ଚିଲେ। ସେମାନେ ଜେରୁଜରମର ପ୍ରଧାନ ସହରକୁ ଯାଉଥିଲେ। ଯେଉଁ ଆକାଶରେ ପୂର୍ବରୁ କିଛି ନଥିଲା, ସେଠାରେ ସେମାନେ ଏକ ଉଜ୍ଜ୍ୱଳ ଆଲୋକ ସେମାନେ ଦେଖିଥିଲେ। ତେଣୁ ସେମାନେ ପଚାରି ପଚାରି ଆସିଲେ ୟିହୁଦୀମାନଙ୍କର ଯିଏ ରାଜା ସେ କେଉଁଠି ଜନ୍ମଗ୍ରହଣ କରିଛନ୍ତି। ଆମେ ତାଙ୍କର ଉଜ୍ଜ୍ୱଳ ଆଲୋକକୁ ପୂର୍ବ ଦିଗରେ ଦେଖିଲୁ ଓ ତାଙ୍କୁ ପୂଜା କରିବାକୁ ଆସିଛୁ। ରାଜା ହେରେଡ ବଡ଼ ଅଡୁଆରେ ପଡ଼ିଗଲେ। ସେ ମୁଖ୍ୟ ପୁରୋହିତ ଓ ଅମାତ୍ୟ ମାନଙ୍କୁ ଡାକି ଯୀଶୁ କେଉଁଠାରେ ଜନ୍ମଗ୍ରହଣ କରିବେ ପଚାରିଲେ ସେମାନେ କହିଲେ ଜୁଡ଼ାର ବେଥେଲହାମ ଠାରେ। ରାଜା ହେରଡ଼ଙ୍କ ମନରେ ଶାନ୍ତି ରହିଲା ନାହିଁ। ପଦବୀ ହରାଇବା ଭୟରେ ମନେ ମନେ ଖୁବ ରାଗିଲେ ଓ ଭାବିଲେ ଏ ପିଲାଟି କିଏ? ଯାହା ପାଇଁ ଏତେ ବିଜ୍ଞଲୋକ ପୂର୍ବ ଦିଗରୁ ଆସି ପହଞ୍ଚିଛନ୍ତି। ବିଜ୍ଞ ଲୋକଙ୍କୁ ଡାକି ସେ ଗୋପନରେ କହିଲେ ବେଥଲହାମ ଯାଅ, କଷ୍ଟହେଉ ପଛେ ଶିଶୁକୁ ଖୋଜ ଓ ତାକୁ ପାଇସାରି ମତେ ଖବର ଦିଅ ମୁଁ ତାକୁ ପୂଜା କରିବି।

ରାଜାଙ୍କ କଥାଶୁଣି ଓଟରେ ବସି ବିଜ୍ଞଲୋକମାନେ ଚାଲିଲେ ଓ ଆଲୋକକୁ ଅନୁସରଣ କରି ପହଞ୍ଚି ଦେଖିଲେ ଶିଶୁଟିକୁ ଉଜ୍ଜ୍ୱଳ ଆଲୋକ ଆଚ୍ଛାଦିତ କରିଛି। ଭିତରକୁ ଯାଇ ମେରୀ ଓ ଶିଶୁର ପାଦ ପାଖରେ ପୂଜା ପ୍ରାର୍ଥନା କଲେ। ଉପହାର ଅର୍ପଣ କଲେ ଗୋଟିଏ ଛୋଟ ପେଡ଼ିରେ ସୁନା ମୋହର ଓ ଗୋଟିଏ ଚିତ୍ର ଖୋଦେଇ ବାକ୍ସରେ କିଛି ସୁଗନ୍ଧିତ ଗୁଣ୍ଡ ଧୂପ ଓ ଦେହରେ ଲଗାଇବା ପାଇଁ ଗୁଗଳ ତେଲ ଏକ ଛୋଟପାତ୍ରରେ ଦେଲେ। ବିଜ୍ଞଲୋକମାନେ ଈଶ୍ୱରଙ୍କଠାରୁ ସତର୍କବାଣୀ ପାଇଲେ ଯେପରି ସେମାନେ ରାଜା ହେରେଡଙ୍କ ପାଖକୁ ନ ଯାଆନ୍ତି। ତେଣୁ ସେମାନେ ନିଜ ରାଜ୍ୟକୁ ଫେରିଗଲେ। ଜୋଶେଫ ସ୍ୱପ୍ନରେ ଦେଖିଲେ ଦେବଦୂତ ଉଭା ହୋଇ କହୁଛନ୍ତି ଉଠିପଡ଼ ଏ ଛୋଟ ଶିଶୁ ଓ ମା’କୁ ନେଇ ଇଜିପ୍ଟ ପଳାଇଯାଅ, ମୁଁ ଖବର ନଦେବା ପର୍ଯ୍ୟନ୍ତ ସେଠାରେ ରୁହ; କାରଣ ହେରଡ଼ ରାଜା ଶିଶୁକୁ ମାରିଦେବ। ଯୋଶେଫ ନିଦରୁ ଉଠି ମେରିଙ୍କ ଆଗରେ ସ୍ୱପ୍ନ କଥା କହିଲେ ଓ ତତ୍‌କ୍ଷଣାତ ଜିନିଷପତ୍ର ଧରି ଯାତ୍ରା ପାଇଁ ପ୍ରସ୍ତୁତ ହେଲେ। ଶିଶୁକୁ ଉଷୁମ କନାରେ ଗୁଡ଼ାଇ ଦେହରେ ଜାକି ଧରି ଗୋଟିଏ ଗଧପିଠିରେ ବସି ରାତି ଥାଉ ଥାଉ ନିର୍ଜନ ଜଙ୍ଗଲ ରାସ୍ତା ଦେଇ ଇଜିପ୍ଟରେ ପହଞ୍ଚିଲେ।

ହେରେଡ ଜାଣିଲେ ବିଜ୍ଞଲୋକମାନେ ଚାଲାକି କରିଛନ୍ତି। ସେ ଗର୍ଜନ କରି କହିଲେ, ଶିଶୁକୁ ମୋ’ ସିଂହାସନ ଦଖଲ କରିବାକୁ ଦେବିନାହିଁ ଓ ବେଥଲହାମ ଓ ତାର ଆଖପାଖ ଅଞ୍ଚଳରେ ଦୁଇ ବର୍ଷ ଓ ତା’ ତଳକୁ କମ୍ ବର୍ଷର ପିଲାଙ୍କୁ ମାରିବାକୁ ଆଦେଶ ଦେଲେ। କିଛିଦିନ ପରେ ରାଜା ହେରେଡ଼ ମରିଯିବା ପରେ ଇଜିପ୍ଟରେ ଦେବଦୂତ ସ୍ୱପ୍ନରେ କହିଲେ ତୁମେ ବର୍ତ୍ତମାନ ଶିଶୁ ଓ ମା’ ସହ ଇସ୍ରାଏଲ ଚାଲିଯାଅ। ସେହି ଅନୁସାରେ ସେମାନେ ବଣ ଜଙ୍ଗଲ ମରୁଭୂମି ଦେଇ ଇସ୍ରାଏଲ ଗଲେ ଓ ଶିଶୁ ନିରାପଦ ଜାଣି ସେମାନେ ଖୁସି ହେଲେ। ସେମାନେ ପୁନଶ୍ଚ ନାଜାରେଥ ନଗରୀ ଗାଲିଲୀସ୍ଥିତ ନିଜ ଘରେ ବାସ କରିବାକୁ ଫେରି ଆସିଲେ। ପୁଷ୍ପାଞ୍ଜଳୀ କହିଲା ବାପା କୃଷ୍ଣଙ୍କ ଜନ୍ମ ପରି ରାଜା ହେରେଡ଼ କ’ଣ କଂସ ଥିଲା? ହେଲେ ତା’ର ମରିବା ଓ କଂସର ମରିବା ଅଲଗା॥

**——ଅନୀତା ପଟ୍ଟନାୟକ**
*ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ: ୯୬୯୨୯୮୦୦୨୬*

# କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ, ଏଣ୍ଡଲବା ଓ ରେଖିଦେଇପୁର ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବାରକଣା ଖେଳପଡିଆରେ ଚାଲିଥିବା କେଡିଏମ କ୍ରିକେଟ ଟୁର୍ଣ୍ଣାମେଂଟର ଶନିବାର ଅନୁଷ୍ଠିତ ୨ ଗୋଟି ମ୍ୟାଚରେ ଏଣ୍ଡଲବା ଓ ରେଖିଦେଇପୁର ଟିମ ବିଜୟୀ ହୋଇଛନ୍ତି। ଗତକାଲିର ପ୍ରଥମ ମ୍ୟାଚରେ ମର୍ଜିତାପୁରକୁ ୧୩ ରନରେ ପରାସ୍ତ କରି ଏଣ୍ଡଲବା ଟିମ ବିଜୟୀ ହୋଇଥିବା ବେଳେ ଅନ୍ତିରା ଟିମକୁ ୫୧ ରନରେ ପରାସ୍ତ କରି ରେଖିଦେଇପୁର ବିଜୟୀ ହୋଇ ସୁପର ସିକ୍ସରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ଏଣ୍ଡଲବା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୁଡୁ ପୃଷ୍ଟି ୭୨ ରନ ଓ ସରୋଜ ସେଠୀ ୫୯ ରନ କରିଥିଲେ। ବିପକ୍ଷ ମର୍ଜିତାପୁର ଟିମର ତ୍ରିଲୋଚନ ବିଶ୍ୱାଳ ୪ଟି ଓ ଜିତେନ୍ଦ୍ର ପ୍ରଧାନ ୧ ଉଇକେଟ ନେଇଥିଲେ। ଜବାବରେ ମର୍ଜିତାପୁର ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୬୨ ରନ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ସୁଚିତ୍ର ଭଦ୍ର ୩୮ରନ ଓ କୁନା ବାରି ୩୫ରନ କରିଥିଲେ। ବିପକ୍ଷ ଏଣ୍ଡଲବା ଟିମର ଭିକି ଦାସ ଓ ଧନେଶ୍ୱର ପ୍ରଧାନ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ ରେଖିଦେଇପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୯୨ରନ କରିଥିଲା। ଦଳପକ୍ଷରୁ ମନମଥ ମଲ୍ଲ ୮୦ ରନ ଓ ତନ୍ମୟ ମଲ୍ଲ ୪୯ ରନ କରିଥିଲେ। ବିପକ୍ଷ ଅନ୍ତିରା ଟିମର ସୁଜିତ ପ୍ରଧାନ ୨ଟି ଓ ସତ୍ୟଜିତ ପୃଷ୍ଟି ୧ଟି ଉଇକେଟ ନେଇଥିଲେ। ଜବାବରେ ଅନ୍ତିରା ଟିମ ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଦୁର୍ଯ୍ୟୋଧନ ୨୦ ରନ ଓ ସୁଜିତ ପ୍ରଧାନ ୧୯ ରନ କରିଥିଲେ। ବିପକ୍ଷ ଦଳର ମନମଥ ମଲ୍ଲ ଓ ତନ୍ମୟ ମଲ୍ଲ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଉଭୟ ମ୍ୟାଚକୁ ଇନତେକାବ ଆଲମ, ସୌମ୍ୟ ସିଦ୍ଧାର୍ଥ ମହାନ୍ତି, ନିକୁଂଜ ବେହେରା ପରିଚାଳନା କରିଥିଲେ। ୨୬ ତାରିଖରେ ଏହି ବ୍ଲକ ବଡକାଏମା ଖେଳପଡିଆରେ ଚୋରମୁହଁ ଓ ପାଟପୁର ଟିମ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରଂଜନ ରାୟ ସୂଚନା ଦେଇଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଉତରପ୍ରତାପ ପଂଚାୟତର ଜନୈକା ଦଳିତ ନାବାଳିକାକୁ ଉତରପ୍ରତାପପୁର ଗ୍ରାମର ୩ ଜଣ ଯୁବକ ଗତ ୧୫ ତାରିଖରେ ଅସଦାଚରଣ କରିଥିବା ନେଇ ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ୬୮୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଉତରପ୍ରତାପପୁର ଗ୍ରାମର ପ୍ରଶାନ୍ତ ସାହୁକୁ ଗିରଫ କରିଥିଲା। ଆଜି ଉଭୟ ନାବାଳିକା ଓ ଯୁବକର ଡାକ୍ତରୀ ମାଇନା କରିବା ପରେ ଯୁବକଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଜଣାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଫେରାର ରହିଥିବା ପୁଲିସ କହିଛି।

# ସୌର ବିଦ୍ୟୁତ୍‌ର ଗୁରୁତ୍ୱ

ଭୁବନେଶ୍ୱର (ପିଏନ୍): ଭାରତରେ ସୌର ବିଦ୍ୟୁତର ମୂଲ୍ୟ ହ୍ରାସ ପାଇ ଆସୁଥିବାବେଳେ ନିକଟଅତୀତରେ ଏହା ରେକର୍ଡ଼ ତଳକୁ ଖସିଛି। ମଧ୍ୟପ୍ରଦେଶର ରେୱାରେ ୭୫୦ ମେଗାୱାଟର ଏକ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ହୋଇଥିବା ଟେଣ୍ଡରରେ ଦର କିଲୋୱାଟ ପିଛା ୩ଟଙ୍କା ୨୯ ପଇସା ଆସିଥିବା ଖୁସିର ବିଷୟ। ପ୍ରଥମଥର ପାଇଁ ସୌରଶକ୍ତିର ମୂଲ୍ୟ ୪ଟଙ୍କା ତଳକୁ ଖସିଛି। ଏପରିକି ଏହା ୩ଟଙ୍କା ତଳକୁ ମଧ୍ୟ ଆସିଛି ବୋଲି ଧରାଯାଉଛି କାରଣ ପ୍ରଥମ ବର୍ଷରେ ଏହା ୨ଟଙ୍କା ୯୭ ପଇସାରେ ମିଳିବ। ସୌର ବିଦ୍ୟୁତ୍ ଉଦ୍ୟୋଗର ଏହି ଧାରାକୁ ଦେଖିଲେ ଆଶା କରାଯାଉଛି ଯେ ଭାରତ ପରିବେଶ ଦୃଷ୍ଟିରୁ କ୍ଷତିକାରକ। ତାପଜ ବିଦ୍ୟୁତ୍ ଅପେକ୍ଷା ବିଶୁଦ୍ଧ ସୌର ବିଦ୍ୟୁତ୍ ଉତ୍ପାଦନ ତଥା ଉପଯୋଗ ଦିଗରେ ଅଧିକ ସଫଳତା ହାସଲ କରିପାରିବ। ତା’ ସାଙ୍ଗକୁ ନିକଟରେ ଆମେରିକାର ପ୍ରସିଦ୍ଧ ଏମ୍‌ଆଇଟି ବୈଷୟିକ ଅନୁଷ୍ଠାନରେ ଗବେଷକମାନେ ଅଧିକ ଦକ୍ଷତାଯୁକ୍ତ ସୋଲାର ସେଲ ତିଆରି କରିଥିବାରୁ ତାହା ସୌର ବିଦ୍ୟୁତ୍‌ର ଗ୍ରହଣୀୟତାକୁ ବେଶୀ ବଢ଼ାଇପାରିବ। ୨୦୨୨ ମସିହା ଶେଷସୁଦ୍ଧା ଭାରତ ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଏକ ବଡ଼ ଯୋଜନା କରିଛି। ତଦନୁସାରେ ଆସନ୍ତା ୫/୬ ବର୍ଷ ମଧ୍ୟରେ ଏହାର ଉତ୍ପାଦନ କ୍ଷମତା ଏକଶହ ଗିଗାୱାଟ ଅର୍ଥାତ୍ ୧ଲକ୍ଷ ମେଗାୱାଟକୁ ବଢ଼ାଯିବ। ଯେହେତୁ ସୌରଶକ୍ତି ସଂସ୍ଥା ହେଉଛି ସେ ଦୃଷ୍ଟିରୁ ଏହି ଉତ୍ପାଦନ ଲକ୍ଷ୍ୟ ହାସଲ ହେବାରେ ଅସୁବିଧା ହେବ ନାହିଁ ବୋଲି ଆଶା କରାଯିବା ସ୍ୱାଭାବିକ। ଆଗରୁ ଏହାର ୟୁନିଟ ପିଛା ଦର ଖସି ୪ଟଙ୍କା ଉପରେ ଥିବାବେଳେ ଏବେ ମଧ୍ୟପ୍ରଦେଶ ପ୍ରସ୍ତାବରେ ଏହା ଆହୁରି ଶସ୍ତା ହୋଇଯାଇଥିବାରୁ ସରକାର ସୌର ବିଦ୍ୟୁତ୍‌କୁ ଅଧିକ ଗୁରୁତ୍ୱ ଦେବା ଉଚିତ। ରେୱା ପ୍ରକଳ୍ପରେ ଟେଣ୍ଡରରେ ସଫଳ ହୋଇଥିବା ତିନୋଟି କମ୍ପାନୀକୁ ନେଇ ଗଠିତ ଗୋଷ୍ଠୀ ଆଶା ପ୍ରକାଶ କରିଛି ଯେ ପ୍ରକଳ୍ପ ମୂଲ୍ୟରେ ସୋଲାର ପ୍ୟାନେଲର ଅଂଶ ୪୦ ପ୍ରତିଶତ ଥିବାବେଳେ ଆଗାମୀ କେଇବର୍ଷ ମଧ୍ୟରେ ତାହା ଯଥେଷ୍ଟ କମିଯିବାର ସମ୍ଭାବନା ରହିଛି। ତା’ସାଙ୍ଗକୁ ସରକାରୀ ପ୍ରୋତ୍ସାହନ ଆଦିକୁ ନେଇ କମ୍ ଦରରେ ସୌର ବିଦ୍ୟୁତ୍ ଯୋଗାଇବା ଲାଗି କମ୍ପାନୀ ଗୋଷ୍ଠୀ କମ୍ ମୂଲ୍ୟ ଦର୍ଶାଇଛି। ଅବଶ୍ୟ ଏଥିରେ ରାଜ୍ୟ ସରକାରଙ୍କ ସମର୍ଥନକୁ ପ୍ରଶଂସା କରିବା କଥା। ଏହାକୁ ଦେଖି ଅନ୍ୟ ରାଜ୍ୟଗୁଡ଼ିକ ସୌର ବିଦ୍ୟୁତ୍ ଉତ୍ପାଦନକୁ ଅଗ୍ରାଧିକାର ଦେବା ଆବଶ୍ୟକ। ଯେହେତୁ ଭାରତ ବାୟୁମଣ୍ଡଳ ପରିବର୍ତ୍ତନ ସମ୍ପର୍କିତ ପ୍ୟାରିସ ରାଜିନାମାରେ ସ୍ୱାକ୍ଷର କରିଛି ସେହିଦୃଷ୍ଟିରୁ ବିଶୁଦ୍ଧ ବିଦ୍ୟୁତ୍ ଉତ୍ପାଦନ ଯେତେ ବଢ଼ିବ ତାହା ସେତେ ସହାୟକ ହେବ। ସୌର ବିଦ୍ୟୁତ୍ ହେଉ ବା ପବନ ପରି ଅନ୍ୟ ଅକ୍ଷୟଶକ୍ତି ସୂତ୍ର ହେଉ ପ୍ରଦୂଷଣମୁକ୍ତ ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥାକୁ ସମଗ୍ର ବିଶ୍ୱ ଏବେ ଗୁରୁତ୍ୱ ଦେଉଛି। ଭାରତ ୨୦୧୦ରୁ ଜାତୀୟ ସୌର ମିଶନ ଗଠନ କରିଥିଲେ ହେଁ ଓ ଗତ ତିନିବର୍ଷରେ ଏ ଦିଗରେ କାମ ହୋଇଥିଲେ ସୁଦ୍ଧା ଚଳିତ ଆର୍ଥିକ ବର୍ଷର ସୌର ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ହେବା ନେଇ ସନ୍ଦେହ ରହିଛି। ଏପରିକି କୁହାଯାଉଛି ଯେ ୨୦୨୨ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟର ୭୫ ପ୍ରତିଶତ ହାସଲ ହୋଇପାରେ। ସରକାର ଧାର୍ଯ୍ୟଲକ୍ଷ୍ୟକୁ ପୂରାପୂରି ହାସଲ କରିବା ପାଇଁ ଉଦ୍ୟମ କରନ୍ତୁ। ବରଂ ଉତ୍ପାଦନ ଆହୁରି ବଢ଼ାଇବା ଲାଗି ପଦକ୍ଷେପ ନିଆଯିବା ଉଚିତ। ବିଶେଷ ଭାବରେ ସାଧାରଣ ଲୋକେ ନିଜ ଘର ଛାତ ଉପରେ ସୌରଶକ୍ତି ଉତ୍ପାଦନ କଲେ ତାହା ସେମାନଙ୍କୁ ଆର୍ଥିକ ତଥା ଅନ୍ୟାନ୍ୟ ଦୃଷ୍ଟିରୁ ଲାଭ ଦେବ। ଆମେରିକାରେ ଏମ୍‌ଆଇଟି ଗବେଷକମାନେ ଏବେ ଯେଉଁ ନୂଆ ଫଟୋ ଭୋଲଟାଇ ସେଲ ତିଆରି କରିଛନ୍ତି ତାହା ପ୍ରଚଳିତ ସେଲ୍‌ଠାରୁ ଦୁଇଗୁଣ ଅଧିକ ଦକ୍ଷ। ଏବେ ବ୍ୟବହୃତ ପିଭିସେଲ ୭ ପ୍ରତିଶତ ଦକ୍ଷତାରେ କାମ କରୁଥିବାବେଳେ ନୂଆ ସେଲ ୬୪ ପ୍ରତିଶତ ଦକ୍ଷତାରେ କାମ କରିପାରିବ ବୋଲି ଆଶା କରାଯାଉଛି। ଏଣୁ ଆଶା କରାଯାଉଛି ଯେ ସୌର ବିଦ୍ୟୁତ୍ ବୈଷୟିକ କୌଶଳରେ ଆହୁରି ପରିବର୍ତ୍ତନ ଘଟିବ ଯାହା ଏହାର ଉତ୍ପାଦିକା ଶକ୍ତିକୁ ବଢ଼ାଇବ। ଭାରତରେ ସରକାର ବଡ଼ ସୌର ପ୍ରକଳ୍ପ ସ୍ଥାପନ କରି ବିଦ୍ୟୁତ୍ ଗ୍ରୀଡ଼ ସହ ତାକୁ ଯୋଡ଼ିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ତା’ସହ ଛାତ ଉପରେ ସୌରଶକ୍ତି ଉତ୍ପାଦନ ବଢ଼ିଲେ ସୌର ପ୍ରକଳ୍ପ ପାଇଁ ଯେପରି ଜମି ଦରକାର ପଡୁଛି ସେ ସମସ୍ୟା ରହିବ ନାହିଁ। ଏଣୁ ଏହି ସମ୍ଭାବନାର ସମସ୍ତ ଦିଗକୁ ପ୍ରୋତ୍ସାହନମୂଳକ ଦୃଷ୍ଟି ଦିଆଯିବା ଲୋଡ଼ା।




### ୫- ଟି ସଚିବଙ୍କ ପୁରୀ,କୋଣାର୍କ ଓ କାକଟପୁର ପରିଦର୍ଶନ

# ମା' ମଙ୍ଗଳା ପୀଠର ହେବ ଉନ୍ନତିକରଣ

**ଭୁବନେଶ୍ୱର, (ପିଏନ)-** ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀ ଙ୍କ ସଚିବ ଫାଇଭ ଟି ଭି କେ ପାଣ୍ଡିଆନ୍ ଆଜି ସକାଳେ ପୁରୀ କୋଣାର୍କ ଓ କାକଟପୁର ଗସ୍ତରେ ଯାଇ ବିଭିନ୍ନ ବିକାଶ କାମ ବୁଲି ଦେଖିବା ସହ ମା ମଙ୍ଗଳାଙ୍କ ପୀଠର ଉନ୍ନତିକରଣ ସମ୍ପର୍କରେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ ।

ଜଗନ୍ନାଥ ସଂସ୍କୃତି ରେ ମା ମଙ୍ଗଳାଙ୍କ ପୀଠ ର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି .ବିଶେଷ କରି ନବକଳେବର ସମୟରେ ଦାରୁ ଅନ୍ୱେଷଣ କାର୍ଯ୍ୟ ମାଆଙ୍କ ନିର୍ଦ୍ଦେଶ ରେ କରଯାଇଥାଏ ବୋଲି ବିଶ୍ୱାସ ରହିଛି । ଏତଦବ୍ୟତୀତ ଓଡ଼ିଶାର ପ୍ରମୁଖ ଶକ୍ତି ପୀଠ ଭାବରେ ମା ମଙ୍ଗଳା ପୀଠ ଓଡ଼ିଶାର ଘରେ ଘରେ ପରିଚିତ .ପ୍ରତିଦିନ ହଜାର ହଜାର ଭକ୍ତ ମା ଙ୍କ ଦର୍ଶନ ପାଇଁ କାକଟପୁର ଆସିଥାନ୍ତି .ତେଣୁ ଫାଇଭ ଟି ଉପକ୍ରମ ରେ ଏ ପୀଠର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।



ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ୍ ମଙ୍ଗଳା ପୀଠରେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ପୀଠର ଉନ୍ନତିକରଣ ବିଷୟରେ ଆଲୋଚନା କରିଥିଲେ। ମନ୍ଦିର ଜଳନିଷ୍କାସନ, ପାର୍କିଂ ଯାତ୍ରୀଙ୍କ ସୁବିଧା ପ୍ରାଚୀ ନଦୀ ଘାଟ ର ଉନ୍ନତିକରଣ ଆଦି ପାଇଁ ପଦକ୍ଷେପମାନ ଗ୍ରହଣ କରାଯିବ। ଏଥି ନିମନ୍ତେ ସେବାୟତ ସ୍ଥାନୀୟ ଲୋକ ଓ ଟ୍ରଷ୍ଟି ମାନଙ୍କ ସହ ଆଲୋଚନା କରି ବିସ୍ତୃତ ଯୋଜନା ପନ୍ଦର ଦିନ ମଧ୍ୟରେ ପ୍ରସ୍ତୁତ କରିବା ନିର୍ଦ୍ଦେଶ ଦେଇଥିଲେ। ଏହା ମୁଖ୍ୟମନ୍ତ୍ରୀ ଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଥିଲେ । ଓବିସିସି ଏହି ଯୋଜନା ପ୍ରସ୍ତୁତ କରିବ।

ପୂର୍ବରୁ ଶ୍ରୀ ପାଣ୍ଡିଆନ୍ ପୁରୀ ରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ .ସେଠାରୁ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଟିଚିଂ ହସପିଟାଲ ନିର୍ମାଣ କାମ ବୁଲି ଦେଖିଥିଲେ ଓ ଅଗ୍ରଗତି ର ସମୀକ୍ଷା କରିଥିଲେ । ୨୦୨୩ ଜୁନ ସୁଦ୍ଧା ଟିଚିଂ ହସପିଟାଲ କାମ ଶେଷ ହେବ ବୋଲି ସମୀକ୍ଷା ରୁ ଜଣାଯାଇଛି ।

ପରେ କୋଣାର୍କ ଯାଇ ଫାଇଭ ଟି ସଚିବ ଶ୍ରୀ ପାଣ୍ଡିଆନ୍ ଚନ୍ଦ୍ରଭାଗା ବେଳାଭୂମି ବିକାଶ କାମ, କୋଣାର୍କ ଚନ୍ଦ୍ରଭାଗା ରାଜ୍ୟ ରାଜପଥର ସମ୍ପ୍ରସାରଣ ଓ ନୂଆ ରିଂ ରୋଡ କାମ ଅନୁଧ୍ୟାନ କରିଥିଲେ । କାମର ଅଗ୍ରଗତି ମଧ୍ୟ ସମୀକ୍ଷା କରିଥିଲେ । କୋଣାର୍କ ଚନ୍ଦ୍ରଭାଗା ରାଜପଥ ସମ୍ପ୍ରସାରଣ କାମ ୨୦୨୩ ଏପ୍ରିଲ ସୁଦ୍ଧା ଶେଷ କରିବାକୁ ଶ୍ରୀ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଥିଲେ । ଫାଇଭ ଟି ସଚିବ ଙ୍କ ପରିଦର୍ଶନ ସମୟରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ,ଏସପି, ତଥା ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ସୈନିକ ସ୍କୁଲ୍ ପରିସରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,(ପିଏନ)-** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଜାନୁଆରୀ ୧୫ ତାରିଖ ୧୯୬୨ରେ ସୈନିକ ସ୍କୁଲ୍ ଭୁବନେଶ୍ୱରର ପ୍ରତିଷ୍ଠା ହୋଇଥିଲା। ଏହି ବିଦ୍ୟାଳୟର ହୀରକ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ସେହି ମହାନ୍ ଯୁଗପୁରୁଷଙ୍କର ପ୍ରତିମୂର୍ତି ଉନ୍ମୋଚିତ ହୋଇଯାଇଛି।ଏହି ଉତ୍ସବରେ ହଜାର ହଜାର ପୁରାତନ ଛାତ୍ରମାନେ ବିଶ୍ୱର କୋଣ ଅନୁକୋଣରୁ ଆସି ଏକତ୍ରିତ ହୋଇଥିଲେ। ଏହା ସହ ପୂର୍ବତନ ଅଧକ୍ଷ, ଉପାଧ୍ୟକ୍ଷ, ଶିକ୍ଷକ, ଛାତ୍ର ତଥା ସମସ୍ତ କ୍ୟାଡ଼େଟ୍‌ଙ୍କ ଅଭିଭାବକମାନଙ୍କୁ ଆମନ୍ତ୍ରିତ କରାଯାଇଥିଲା।କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଦ୍ୟାଳୟର ଅଧକ୍ଷ କର୍ଣ୍ଣେଲ୍ ବାଲୁଭରତ, ଲେଫ୍ଟନାଂଟ ଜେନେରାଲ ଜେ.କେ ମହାନ୍ତି (ଅବସର ପ୍ରାପ୍ତ) ଏବଂ ପୁରାତନ ବାଳକ ସଂଘର ସଭାପତି ହରଦମନ ସିଂ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଜାମ୍ମୁକାଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶୌର୍ଯ୍ୟଚକ୍ର (ମରଣୋତର) ପୁରସ୍କାର ବିଜେତା ବିଦ୍ୟାଳୟର ପୂର୍ବତନ ଛାତ୍ର କ୍ୟାପ୍‌ଟେନ୍ ଆଶୁତୋଷ କୁମାରଙ୍କ ପିତାମାତାଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ।

### ଜାତୀୟ ଉପଭୋକ୍ତା ଦିବସ ପାଳିତ

## ଉପଭୋକ୍ତା ସଶକ୍ତିକରଣ ଏବଂ ଉପଭୋକ୍ତା ଅଧିକାରର ସାର୍ବଜନୀନତା ଜରୁରୀ : ମନ୍ତ୍ରୀ

**ଭୁବନେଶ୍ୱର,(ପିଏନ)-** ଖାଉଟି ଆନ୍ଦୋଳନ ଯେତେ ବ୍ୟାପକ ହେବ ଓ ଖାଉଟି ସୁରକ୍ଷା ଆଇନ ଯେତେ ଅଧିକ କାର୍ଯ୍ୟକାରୀ ହେବ, ତାହା ଦେଶ ଓ ରାଜ୍ୟ ପାଇଁ ସେତେ ମଙ୍ଗଳକର। ଉପଭୋକ୍ତା ସଶକ୍ତିକରଣ ଏବଂ ଉପଭୋକ୍ତା ଅଧିକାରର ସାର୍ବଜନୀନତା ହିଁ ଆମ ସମୟର ସବୁଠୁ ବଡ ଆବଶ୍ୟକତା। ଏହାକୁ କାର୍ଯ୍ୟକାରୀ କରିବା ଓ ଏ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଜରୁରୀ ବୋଲି ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମତବ୍ୟକ୍ତ କରିଛନ୍ତି।

ଶନିବାର ଜୟଦେବ ଭବନଠାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ଉପଭୋକ୍ତା ଦିବସ-୨୦୨୨ର ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଲେ ଯେ, ଖାଉଟିମାନଙ୍କ ଅଧିକାରର ସୁରକ୍ଷା ପ୍ରତି ସରକାର ସର୍ବଦା ସଚେତନ ଏବଂ ପ୍ରୟାସରତ । ଏଥିପାଇଁ ଖାଉଟି ସୁରକ୍ଷା ଆଇନ ମଧ୍ୟ ପ୍ରଣୟନ କରାଯାଇଛି । ପ୍ରଚଳିତ ଆଇନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଯଦି ଖାଉଟିମାନେ ଆଇନ ସମ୍ପର୍କରେ ନ ଜାଣିବେ, ତେବେ ଆବଶ୍ୟକବେଳେ ଉପଯୋଗ କରିପାରିବେ ନାହିଁ । ଫଳରେ ଆଇନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ।

ଖାଉଟି ଆନ୍ଦୋଳନର ପ୍ରବକ୍ତା ତଥା ଉପଭୋକ୍ତା ପରାମର୍ଶଦାତା ବିଜନ ମିଶ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ପିଲାମାନଙ୍କ ପାଠ୍ୟକ୍ରମରେ ଖାଉଟି ସୁରକ୍ଷା ଆଇନ ସମ୍ପର୍କରେ ବିଶେଷ ତଥ୍ୟ ରହିବା ଦରକାର । ଯାହାଫଳରେ ଛାତ୍ରଛାତ୍ରୀମାନେ ସଚେତନ ହୋଇପାରିବେ ଓ ଏହାର ସାମାଜିକ ପ୍ରଭାବ ନିଶ୍ଚିନ୍ତ ରୂପେ ଶକ୍ତିଶାଳୀ ହୋଇପାରିବ। ବିଶେଷ କରି ମହିଳାମାନେ ସଚେତନ ହୋଇପାରିଲେ, ଏହି ଆଇନର ସଫଳ ପ୍ରୟୋଗ ହୋଇପାରିବ। ଅନେକ ଖାଉଟି ବା ଉପଭୋକ୍ତା ପ୍ରାୟତଃ ଅଣସଙ୍ଗଠିତ। ତେଣୁ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନେକ ସ୍ୱେଚ୍ଛାସେବୀ ସଂଗଠନଗୁଡିକର ସହଯୋଗ ଓ ସଂପୃକ୍ତି ଜରୁରୀ । ସେମାନଙ୍କୁ ଏକାଠି କରି ଏକ ଶୋଷଣ ମୁକ୍ତ ସମାଜ ଗଠନ କରିବା ଆଜିର ଆହ୍ୱାନ।

ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗର ସଭାପତି ଜଷ୍ଟିସ୍ ଡି.ପି. ଚୌଧୁରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଲେ ଯେ, ମଣିଷ ବଂଚିବା ପାଇଁ ବିଭିନ୍ନ ଦ୍ରବ୍ୟ ଓ ସେବା ଲୋଡେ । ଅନ୍ୟଠୁଁ ସେବା ବା ଦ୍ରବ୍ୟ ଗ୍ରହଣ ପ୍ରତିବଦଳରେ ତାକୁ କିଛି ମୂଲ୍ୟ ଦେବାକୁ ହୁଏ। ମୂଲ୍ୟ ପ୍ରତିବଦଳରେ ଆବଶ୍ୟକ ମୁତାବକ ମାନର ସେବା ଓ ଦ୍ରବ୍ୟ ପାଇପାରିବା ହେଉଛି ତା'ର ଅଧିକାର। ଏ ଅଧିକାରକୁ ଖାଉଟି ଯେଉଁଳି ସାବ୍ୟସ୍ତ କରିପାରିବ ଏବଂ ତା'ର ଅଧିକାର ସୁରକ୍ଷିତ ରହିପାରିବ ସେଥିପାଇଁ ଅନେକ ବିଚାରବିମର୍ଶ ହୋଇଛି। ଏ ସବୁକୁ ଆଧାର କରି ଖାଉଟି ସୁରକ୍ଷା ଆଇନ ପ୍ରଣୟନ କରାଯାଇଛି। ମୁନାଫାଖୋର ବ୍ୟବସାୟୀ, ଅସାଧୁ ବିକ୍ରେତା, ସେବା ପ୍ରଦାନରେ ଅବହେଳା ପ୍ରଦର୍ଶନ କରୁଥିବା ବ୍ୟକ୍ତି, ଗୋଷ୍ଠୀ ସଂସ୍ଥାମାନଙ୍କ ଶୋଷଣରୁ ଅସହାୟ ଖାଉଟି ଓ ଉପଭୋକ୍ତାମାନଙ୍କୁ ସୁରକ୍ଷା ପ୍ରଦାନ, ଏପରି ଆଇନ ପ୍ରଣୟନର ମୁଖ୍ୟ ଉଦ୍ଦେଶ୍ୟ । ଖାଉଟି ଅଧିକାର ଆଇନରେ ଖାଉଟିଙ୍କ ଅଧିକାର ସମ୍ପର୍କରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ତା' ମଧ୍ୟରେ ନିରାପତା ଅଧିକାର, ଜାଣିବାର ଅଧିକାର, ପସନ୍ଦ କରିବାକୁ ଅଧିକାର, ଆପତି ଅଭିଯୋଗ କରିବାର ଅଧିକାର, ବିଚାରର ଅଧିକାର ଓ ଶିକ୍ଷାର ଅଧିକାର ବିଶେଷ ଉଲ୍ଲେଖଯୋଗ୍ୟ ବୋଲି ସେ ପ୍ରକାଶ କରିଥିଲେ।

ଏହି ଉତ୍ସବରେ ଅତିରିକ୍ତ ଶାସନ ସଚିବ ଜ୍ୟୋତି କୁମାର ଲାକ୍ରା ସ୍ୱାଗତ ଭାଷଣ ଦେଇଥିଲେ ଓ ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜାଗ୍ରତ ଖାଉଟି ସମ୍ବନ୍ଧୀୟ ଏକ ନାଟକ ପରିବେଷିତ ହୋଇଥିଲା।

## ସାହିତ୍ୟିକା ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,(ପିଏନ)-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୨ ପାଇଁ ମନୋନୀତ ହୋଇଥିବାରୁ ସାହିତ୍ୟିକା ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଛନ୍ତି। ରାଜ୍ୟ ପାଇଁ ଖ୍ୟାତି ଆଣିଥିବାରୁ ତାଙ୍କୁ ପ୍ରଶଂସା କରିଥିଲେ। ଏହି ପୁରସ୍କାର ତାଙ୍କ କ୍ୟାରିୟରର ଏକ ବଡ଼ ମାଇଲଖୁଂଟ ହେବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ଅବସରରେ ଶ୍ରୀମତୀ ପଣ୍ଡା ନିଜର କବିତା ସଂକଳନ ପ୍ରଦାନ କରିଥିଲେ । ଏହି ଅବସରରେ ଡ. ପଣ୍ଡାଙ୍କ ସ୍ୱାମୀ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଏବଂ ପୁଅ ମନୀତ୍ ମଙ୍ଗରାଜ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଗୁରୁବାର ଦିନ ନୂଆଦିଲ୍ଲୀରେ ଅନୁଷ୍ଠିତ ସାହିତ୍ୟ ଏକାଡେମୀର କାର୍ଯ୍ୟକାରିଣୀ ବୈଠକରେ ୨୦୨୨ ବର୍ଷର ଏକାଡେମୀ ପୁରସ୍କାର ଘୋଷଣା କରାଯାଇଥିଲା। ସୁପରିଚିତ କବୟିତ୍ରୀ ଡ. ଗାୟତ୍ରୀବାଳା ପଣ୍ଡା ଓଡ଼ିଆରେ କବିତା ସଙ୍କଳନ 'ଦୟାନଦୀ' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଥିଲେ ।

## ମାସିକ ଧର୍ମକାଳୀନ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଦିଗରେ ରାଜ୍ୟର ପ୍ରସ୍ତାବିତ ଆଇନ ପ୍ରଣୟନ ପୂର୍ବରୁ କର୍ମଶାଳା

**ଭୁବନେଶ୍ୱର,(ପିଏନ)-** ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏବଂ ୟୁନିସେଫର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ମାସିକ ଧର୍ମ ସମୟର ସ୍ୱାସ୍ଥ୍ୟ ସଚେତନତା ଏବଂ ପରିଷ୍କାର ପରିଚ୍ଛନ୍ନତା ସଂପର୍କରେ ଏକ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳା ପ୍ରାରମ୍ଭିକ ଅଧିବେଶନ,ବୈଷୟିକ ଅଧିବେଶନ ଏବଂ ଉପସଂହାର ପରି ତିନି ଗୋଟି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ଥିଲା। ମାସିକ ଧର୍ମକାଳୀନସ୍ୱାସ୍ଥ୍ୟ ସଚେତନତା ଏବଂ ପରିଚ୍ଛନ୍ନତା ସମ୍ବନ୍ଧୀୟ ଆଇନ ପ୍ରଣୟନ ଦିଗରେ ଓଡିଶା ସରକାର ପ୍ରୟାସରତ ଥିବାବେଳେ ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଆଧାରିତ ଆଇନର ସର୍ବଗ୍ରହଣୀୟତାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ସହଯୋଗରେ ବିଭିନ୍ନ କର୍ମଶାଳାର ଆୟୋଜନ କରାଯାଇଆସୁଛି। ଏହି କ୍ରମରେ ଗତ ଡିସେମ୍ବର ୬ ତାରିଖରେ ଏକ ରାଜ୍ୟସ୍ତରୀୟ ପରାମର୍ଶଭିତିକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ସରକାରୀ ଅଧିକାରୀଙ୍କ ସମେତ ନାଗରିକ ସମାଜ ପ୍ରତିନିଧି, ଗବେଷଣା ପ୍ରତିନିଧି, ଗବେଷଣା ପ୍ରତିଷ୍ଠାନ ଏବଂ ଆପଦଗ୍ରସ୍ତ ଶ୍ରେଣୀ ଯୋଗଦେଇଥିଲେ। ଓଡିଶା ସରକାରଙ୍କ ଏପରି ପ୍ରସ୍ତାବିତ ଆଇନ୍ ପ୍ରଣୟନ ଦିଗରେ ସେମାନଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରାଯାଇଥିଲା । ଏଥିରେ ସରକାରୀ ଅଧିକାରୀଙ୍କ ସମେତ ନାଗରିକ ସମାଜ ପ୍ରତିନିଧି, ଗବେଷଣା ପ୍ରତିଷ୍ଠାନ ଏବଂ ଆପଦଗ୍ରସ୍ତ ଶ୍ରେଣୀ ଯୋଗଦେଇଥିଲେ। ଏପରି ଆଇନ୍ ପ୍ରଣୟନ ହେଲେ ଏହା ମାସିକ ଧର୍ମ ସମୟର ସ୍ୱାସ୍ଥ୍ୟ ସଚେତନତା ଓ ପରିଚ୍ଛନ୍ନତା ଦିଗରେ ଏକ ମାଇଲଖୁଣ୍ଟ ସଦୃଶ ବିବେଚିତ ହେବ ।

ଓଡିଶା ସରକାର ପ୍ରତ୍ୟେକ ବର୍ଗର ହିତ ସାଧନରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଥିବାବେଳେ ଏପରି ଏକ ପ୍ରସଙ୍ଗରେ ବିଧି ବ୍ୟବସ୍ଥା ସହ ଆଇନ୍ ପ୍ରଣୟନ କରିବାକୁ ଯାଉଥିବାରୁ ଏହା ମହିଳା ସଶକ୍ତିକରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହେବ ବୋଲି ଆଲୋଚନା କରାଯାଇଥିଲା। ପ୍ରସ୍ତାବିତ ଆଇନ୍ ପ୍ରଣୟନ ପୂର୍ବରୁ ଆୟୋଜିତ ଏହି ପରାମର୍ଶଭିତିକ କର୍ମଶାଳାରେ ଭୁବନେଶ୍ୱର ମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅତିରିକ୍ତ ପ୍ରାଧ୍ୟାପକ ଡକ୍ଟର ଭୂପୁତ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହ କର୍ମଶାଳାର ଉଦ୍ଦେଶ୍ୟ ସଂପର୍କରେ ବିଶଦ୍ ବିବରଣୀ ପ୍ରଦାନ କରିଥିଲେ । କିସ୍ ପ୍ରତିଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶିକା ସଂଘମିତ୍ରା ରାୟ , କାଦମ୍ବିନୀ ମିଡିଆର ନିର୍ଦ୍ଦେଶିକା ଡକ୍ଟର ଇତିରାଣୀ ସାମନ୍ତ ସମ୍ମାନିତ ଅତିଥି ରୂପେ ବିଷୟଭିତିକ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡକ୍ଟର ଲେନିନ୍ ମହାନ୍ତି ଏହି କର୍ମଶାଳାରେ ଯୋଗଦେଇ ନିଜର ବକ୍ତବ୍ୟ ରଖିବା ସହ ଏପରି କର୍ମଶାଳା ଆୟୋଜନ ଦ୍ୱାରା ପ୍ରସ୍ତାବିତ ଆଇନଟି ନିଶ୍ଚିତ ଭାବେ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶାପୋଷଣ କରିଥିଲେ। ଆରଏମ୍ ଆରସିର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି ,ଓଡିଶା ସରକାରଙ୍କ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଶେଷ ଅଧିବେଶନରେ ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସହକାରୀ ପ୍ରାଧ୍ୟାପକ ଡକ୍ଟର ଉପାସନା ଘୋଷ ଏ ସଂପର୍କରେ ସବିଶେଷ ବିବରଣୀ ଉପସ୍ଥାପନା କରିଥିଲେ। ଆଲୋଚନା ଶେଷରେ ୟୁନିସେଫର ୱାସ୍ ସ୍ପେଶିଆଲିଷ୍ଟ ସିପ୍ରା ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ୧୮ଦଶ ରାଜ୍ୟ ସମ୍ମିଳନୀ

**ଭୁବନେଶ୍ୱର, (ପିଏନ)–** ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର କେନ୍ଦୁଝରଠାରେ ଅନୁଷ୍ଠିତ ୧୮ଶ ରାଜ୍ୟ ସମ୍ମିଳନୀରେ ନିର୍ବାଚିତ ହୋଇଥିବା ନବନିର୍ବାଚିତ କର୍ମକର୍ତାଙ୍କ ଶପଥପାଠ ଉତ୍ସବ ଓ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶନିବାର ସତ୍ୟନଗରସ୍ଥିତ ଯାନ୍ତ୍ରିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟର ସମସ୍ତ ଜିଲ୍ଲାର କର୍ମକର୍ତା ଓ ପୁରୁଣା ନେତୃତ୍ୱ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ସମ୍ବଲପୁରର ସଦାନନ୍ଦ ବେହେରା, ଢେଙ୍କାନାଳର ଅରୁଣ ବଳିୟାରସିଂହ ପ୍ରମୁଖ ଯୋଗ ଇେଥିଲେ। ବରିଷ୍ଠ କର୍ମଚାରୀ ନେତା ସାଥୀ ପ୍ରତାପ ଚନ୍ଦ୍ର ମିଶ୍ର ନିର୍ବାଚିତ କର୍ମକର୍ତାମାନଙ୍କୁ ଶପଥପାଠ କରାଇବା ସହ ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ସାଧାରଣ ସମ୍ପାଦକ ସାଥୀ ନରୋ ମ ପାର୍ଥସାରଥୀ ରାଜ୍ୟରୁ ୪ଜଣ ନ୍ୟାସନାଲ ଏକ୍‌ଜ୍ୟୁଟିଭ ମେମ୍ବର ମନୋନୀତ ହୋଇଥିବାରୁ କେନ୍ଦ୍ରୀୟ ନେତୃତ୍ୱମାନେ ସଂଗଠନକୁ ମଜଭୁତ କରିବା ସହ କର୍ମଚାରୀଙ୍କ ସମସ୍ୟା ଉପରେ ମତ ରଖିଥିଲେ। ସାଧାରଣ ସମ୍ପାଦକ ସୁଜିତ କୁମାର ନାୟକ ଏବଂ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ ବରିଷ୍ଠ ନେତୃତ୍ୱ କ୍ଷେତ୍ରମୋହନ ଦାସ ସଂଗଠନର ଆଗାମୀ ଦିନର କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ମାର୍ଚ୍ଚ ୨୦୨୩ ସୁଦ୍ଧା ରାଜ୍ୟରେ ବାକି ଥିବା ଜିଲ୍ଲାର ସମ୍ମିଳନୀ ସାରିବା ପାଇଁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ।

## ପଂଚଦଶ ମହୁରି ମହୋତ୍ସବ ଅନୁଷ୍ଠିତ

**ଭୁବନେଶ୍ୱର,(ପିଏନ)–** କଳାହାଣ୍ଡି ମାଟିରୁ ଅଙ୍କୁରୋଦଗମ ହୋଇଥିବା "ମହୁରି" ଆଜି ସାରା ବିଶ୍ୱରେ ଓଡ଼ିଆ ସାହିତ୍ୟର ଜୟଗାନ କରିବାକୁ ସନ୍ଦର୍ପେ ଦଣ୍ଡାୟମାନ ହୋଇଛି। କଳାହାଣ୍ଡି କବିତା ଆନ୍ଦୋଳନର ଶାଶ୍ୱତ ସ୍ପନ୍ଦନ ମହୁରିର ଏ ଜୟଯାତ୍ରାରେ ସମଗ୍ର ଓଡ଼ିଆ ସାହିତ୍ୟ ଜଗତ ଋଦ୍ଧିମନ୍ତ ହୋଇପାରିଛି ବୋଲି ଆଜି ଭୁବନେଶ୍ୱରରେ ଆୟୋଜିତ ପଂଚଦଶ ମହୁରି ମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଜି ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ଓ ଗବେଷକ ତଥା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ କବି ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ଓ କାଦମ୍ବିନୀ ପତ୍ରିକାର ସଂପାଦିକା ଡ. ଇତି ସାମନ୍ତ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ କବି ତଥା ମହୁରିର ମୁଖ୍ୟ ସଂପାଦକ ଡ. ଭବାନୀଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିଶିଷ୍ଟ ଗାଳ୍ପିକ ଓ ମହୁରିର ସଂପାଦକ ସୁକାନ୍ତ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କବି ଓ ଗବେଷକ ଡ. ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିଲେ। ଏହି ଅବସରରେ ୨୦୨୧ ବର୍ଷ ପାଇଁ କବି ଡ. ଗାୟତ୍ରୀବାଳା ପଣ୍ଡା ଓ ୨୦୨୨ ବର୍ଷ ପାଇଁ କବି ତଥା ପ୍ରଶାସକ ଡ. ରଞ୍ଜନ କୁମାର ଦାସଙ୍କୁ ମର୍ଯ୍ୟାଦାଜନକ ମହୁରି ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ମାନିତ ପ୍ରତିଭାଦ୍ୱୟଙ୍କୁ କାଷ୍ଠ ନିର୍ମିତ ବୃହତ "ମହୁରି ଟ୍ରଫି" ସହିତ ଉତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ବଛାବଛା ଦଶଜଣ ଯୁବକବିଙ୍କୁ ନେଇ 'ତରୁଣ ଅରୁଣ – କବି ଦଶଜଣ' ନାମକ ସ୍ୱତନ୍ତ୍ର କାବ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ମହୁରିର ସଂପାଦକ ଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଓ ଲେଖିକା ମମତା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ବରିଷ୍ଠ ଲେଖକ ଓ ସଂପାଦକ ରାଜକିଶୋର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବକବି ଶିବାନନ୍ଦ ବାରିକଙ୍କ ସଂଯୋଜନାରେ ରାଧାରାଣୀ ସରକାର, ନାରାୟଣ ସାହୁ, ମନୀଷା ବିଶ୍ୱାଳ, ଅଂଶୁମାନ ସାହୁ, ସତ୍ୟଶିବ ସୁନ୍ଦର ଦାସ, ଐଶ୍ୱର୍ଯ୍ୟା ରାଉତ, ବୀରେନ୍ଦ୍ର ନାୟକ, ସଂଗ୍ରାମ ମହାରଣା, ଗୌରୀ ସାହୁ, ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ ଓ ଦେବାଶିଷ ରାଉତ ପ୍ରମୁଖ କବିତା ପାଠ କରିଥିଲେ ।

## ଓଡିଶାରେ ମହିଳାମାନଙ୍କୁ କେବଳ ଭୋଟ ବ୍ୟାଙ୍କ ଭାବେ ବ୍ୟବାହାର କରୁଛି ବିଜେଡି: ଦୀପ୍ତି ରାଓ୍ୱତ ଭରଦ୍ୱାଜ

**ଭୁବନେଶ୍ୱର,(ପିଏନ)-** ଓଡିଶାରେ ମହିଳାମାନଙ୍କୁ କେବଳ ଭୋଟ ବ୍ୟାଂକ ଭାବେ ବ୍ୟବାହାର କରୁଛି ଶାସକ ବିଜୁ ଜନତା ଦଳ । ବାସ୍ତବରେ ମହିଳା ସଶକ୍ତୀକରଣ ହୋଇନାହିଁ । ଏସଏଚଜିକୁ କେବଳ ଟଙ୍କା ବାଂଟି ମହିଳା ସଶକ୍ତୀକରଣ ହୋଇଛି ବୋଲି ଡିଣ୍ଡିମ ପିଟୁଥିବା ଶାସକ ବିଜେଡିର ୨୩ ବର୍ଷର ନିରୁଙ୍କଶ ଶାସନରେ ଓଡିଶାର ମାଁ ଓ ଭଉଣୀଙ୍କ ସଠିକ୍ ଆର୍ଥିକ ବିକାଶ ହୋଇନାହିଁ । ମମିତା, ପରୀ, ବେବିନା ଭଳି ଅନେକ ମହିଳା ହିଂସା ଓ ନିର୍ଯ୍ୟାତନା ଘଟଣାରେ ବିଜେଡି ମନ୍ତ୍ରୀ ଓ ନେତାଙ୍କ ସଂପୃକ୍ତି ଚର୍ଚ୍ଚାର ବିଷୟ ହୋଇଛି, ଯାହାକି ଅତ୍ୟନ୍ତ ଲଜ୍ଜାଜନକ ବୋଲି ଦୁଇ ଦିନିଆ ଓଡିଶା ଗସ୍ତରେ ଥିବା ବିଜେପି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସଂପାଦିକା ଶ୍ରୀମତୀ ଦିପ୍ତୀ ରାଓ୍ୱତ୍ ଭରଦ୍ୱାଜ କହିଛନ୍ତି ।

ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଭରଦ୍ୱାଜ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୮ବର୍ଷ ଶାସନ କାଳରେ ମହିଳାଙ୍କ କଲ୍ୟାଣ ଓ ବିକାଶ ପାଇଁ ଅନେକ ଜନକଲ୍ୟାଣକାରି ଯୋଜନା ସଫଳତାର ସହ ଆରମ୍ଭ କରିଛନ୍ତି। ଏହି ଯୋଜନାକୁ ଗାଁ ଗାଁରେ ପଂହଚାଇବା ସହ ମହିଳାଙ୍କୁ ଅବଗତ କରିବା ପାଇଁ ମହିଳା ମୋର୍ଚ୍ଚାର କେନ୍ଦ୍ରୀୟ ପଦାଧିକାରୀମାନେ ଗତ ୨୨ ତାରିଖରୁ ଦୁଇ ଦିନିଆ ଓଡିଶା ଆସି ରାଜ୍ୟର ୩୬ଟି ସାଂଗଠନିକ ଜିଲ୍ଲା ଗସ୍ତ କରିଥିଲେ। ଗସ୍ତ ଅବସରରେ କେନ୍ଦ୍ରୀୟ ଯୋଜନାର ରୂପାୟନ ଏବଂ ସ୍ଥାନୀୟ ଅଂଚଳର ବାସ୍ତବ ସ୍ଥିତି ଅନୁଧାନ କରିଥିଲେ। ଦୀର୍ଘ ଦିନ ଧରି ନିଜ ନ୍ୟାର୍ଯ୍ୟ ହକ୍ ଦାବୀ କରି ଆନ୍ଦୋଳନ କରିଆସୁଥିବା ଅଙ୍ଗନବାଡୀ କର୍ମଚାରୀଙ୍କୁ ଜିଲ୍ଲା ଏବଂ ଭୁବନେଶ୍ୱରରେ ମହିଳା ମୋର୍ଚ୍ଚାର ପ୍ରତିନିଧିମାନେ ଭେଟି ଆଲୋଚନା କରିବା ସହିତ ତାଙ୍କ ଦାବୀ ପ୍ରତି ସମର୍ଥନ ଜଣାଇଥିଲେ । ରାଜ୍ୟ ସରକାର ଜନତାଙ୍କ ସହ ପାତର ଅନ୍ତର କରୁଛନ୍ତି। ଶାସକ ଦଳର ନେତା ଓ ମନ୍ତ୍ରୀମାନେ କେନ୍ଦ୍ରୀୟ ଯୋଜନା ପାଇଁ ହିତାଧିକାରୀଙ୍କଠାରୁ ପିସି ନେଉଛନ୍ତି । ମହିଳା ହିଂସା ଘଟଣାରେ ନିରାକରଣ ଓ ତତ୍‌ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ କେନ୍ଦ୍ରରୁ ଆସୁଥିବା ଟଙ୍କାକୁ ଖର୍ଚ୍ଚ କରିବାରେ ରାଜ୍ୟ ସରକାର ଫେଲ ମାରିଛନ୍ତି । ନିର୍ଭୟା ଫଣ୍ଡରେ ୨୦୨୧ମସିହାରେ କେନ୍ଦ୍ର ସରକାର ୭୫କୋଟି ଟଙ୍କା ଖର୍ଚ୍ଚ ପାଇଁ ଦେଇଥିଲେ ବି ଓଡିଶା ମାତ୍ର ୪୫କୋଟି ଖର୍ଚ୍ଚ କରିଥିଲେ। ୨୦୨୨ରେ କେନ୍ଦ୍ର ସରକାର ୨୬କୋଟି ଟଙ୍କା ଦେଇଥିଲେ ବି ୧୯କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଓଡ଼ିଶା ଦୁଷ୍କର୍ମ, ସାଇବର କ୍ରାଇମ, ଅପହରଣ ଇତ୍ୟାଦିରେ ଓଡ଼ିଶା ସ୍ଥାନ ୫ନଂରେ ରହିବା ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ନୀତିକୁ ସ୍ପଷ୍ଟ କରୁଛି । ଗ୍ରାଉଣ୍ଡ ଜିରୋରେ ମହିଳାମାନେ ରାଜ୍ୟରେ ଡବଲ୍ ଇଂଜିନ ସରକାର ଚାହୁଁଛନ୍ତି ବୋଲି ଗସ୍ତ ଅବସରରେ ସ୍ପଷ୍ଟ ହେଉଛି ବୋଲି ଶ୍ରୀମତୀ ଭରଦ୍ୱାଜ କହିଛନ୍ତି।

କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନାର ସୁପ୍ରଚାର କରାଯାଇ ପ୍ରକୃତ ହିତାଧିକାରୀଙ୍କ ପାଖରେ ପଂହଚାଇବା ଏବଂ ଚଂଚକତା କରି ବାଧକ ସାଜୁଥିବା ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ନୀତି ବିରୋଧରେ ମାଁ, ଭଉଣୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ଲଢ଼େଇ ଜାରି ରଖିବେ ବୋଲି ଶ୍ରୀମତୀ ଭରଦ୍ୱାଜ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀମତୀ ସ୍ମୃତି ପଟ୍ଟନାୟକ, ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକା ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳା ମୋର୍ଚ୍ଚା ଆଇଟି ରାଷ୍ଟ୍ରୀୟ ସଂଯୋଜିକା ସୁଜାତା ପାତ୍ରୀ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ମହିଳା ମୋର୍ଚ୍ଚା ସଂପାଦିକା ରଶ୍ମିରେଖା ଦାସ, ମହିଳା ମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ସୁଚରିତା ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ଓଡ଼ିଶା

## ଦେଶରେ କୃଷିର ସାମଗ୍ରିକ ସ୍ଥିତି !

ଭୁବନେଶ୍ୱର (ପିଏନ୍): ଭାରତୀୟ କୃଷିର ସାମଗ୍ରିକ ସ୍ଥିତି ସନ୍ତୋଷଜନକ ନୁହେଁ। ସେଥିରେ ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ଯେ ଚାଷବାସର ହାଲତ ଭଲ ରହିବ ତାହା ଭାବିବା ଠିକ୍ ନୁହେଁ। ଦୀର୍ଘକାଳଧରି ଓଡ଼ିଶାର କୃଷି କ୍ଷେତ୍ର ଅବହେଳିତ ହୋଇରହିବା ପରେ ଗତ ୪/୫ ବର୍ଷ ଧରି ରାଜ୍ୟ ସରକାର ଏ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଚାଷବାସ ପାଇଁ ଅଧିକ ପୁଞ୍ଜିନିବେଶ, ସ୍ୱତନ୍ତ୍ର ନୀତି ପ୍ରଣୟନ ଓ ଯୋଜନା ଆଦି ହାତକୁ ନିଆଯାଇଛି । ସେଥିମଧ୍ୟରୁ ସ୍ୱତନ୍ତ୍ର କୃଷି ବଜେଟ ଅନ୍ୟତମ । ଏହି କ୍ଷେତ୍ରର ଦକ୍ଷତାର ପୂର୍ଣ୍ଣ ଉପଯୋଗ କରିବାପାଇଁ ଯେଉଁ ଉଦ୍ୟମ ହେଉଛି ତାହା ତତ୍କାଳ ବା କମ୍ ସମୟରେ ଫଳ ଦେବାର ସମ୍ଭାବନା କ୍ଷୀଣ। ଏହା ଜାଣି ମଧ୍ୟ ରାଜ୍ୟ ସରକାର କୃଷିକ୍ଷେତ୍ରର ଉପଲବ୍ଧି ନେଇ ମଝିରେ ମଝିରେ ଯେଉଁସବୁ ଦାବି କରୁଛନ୍ତି ତାହା ହାସ୍ୟାସ୍ପଦ ଲାଗେ । ଏଭଳି ଆକାଶରୁ ତୋଳିଆଣିବା ଭଳି ସଫଳତା ପଛରେ ପରିସଂଖ୍ୟାନର ପ୍ରହେଳୀ ସହିତ ରାଜନୈତିକ କାରଣ ଅଧିକ। ସଫଳତାର ଶ୍ରେୟ ନେବାକୁ ସରକାରଙ୍କୁ କେହି ମନାକରୁନାହାନ୍ତି; କିନ୍ତୁ ଉଦ୍ୟମର ଗଛ ଭୂଇଁରୁ ଉଠିବା ପୂର୍ବରୁ ତା'ର ଫଳକୁ ନେଇ ଦାବି ଜଣାଇବା ସର୍ବଦା ହାସ୍ୟାସ୍ପଦ। ଜାତୀୟ କୃଷି କର୍ମଣ ପୁରସ୍କାର ସେଥିମଧ୍ୟରୁ ଗୋଟିଏ। ଏହା ଜାତୀୟ ସ୍ତରରେ ବିଭିନ୍ନ ଶ୍ରେଣୀର ରାଜ୍ୟମାନଙ୍କୁ ଭିନ୍ନଭିନ୍ନ ବର୍ଗରେ ମିଳିଥାଏ। ଓଡ଼ିଶା ଯେଉଁ ବର୍ଗରେ ଅଛି ସେଥିରେ ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବର୍ଗର ରାଜ୍ୟମାନେ ରହିଛନ୍ତି । ବିଗିଡ଼ିଯାଇଥିବା ଉତ୍ପାଦନ ଧାରାକୁ ବ୍ୟବସ୍ଥିତ କରି ଅମଳ ବଢ଼ାଇବାପାଇଁ ଏହି ପୁରସ୍କାର ଦିଆଯାଇଥାଏ । ସେଥିପାଇଁ ସେହି ବର୍ଗର ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ଏହା ଜାତୀୟ ସ୍ତରରେ ପ୍ରଦାନ କରାଯାଉଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ଏକକ ଶ୍ରେଷ୍ଠ ପ୍ରଦର୍ଶନର ସଫଳତା ନୁହେଁ। ତେଣୁ ଏହି ସଫଳତାରେ ଆତ୍ମହରା ନ ହୋଇ ବରଂ ପ୍ରଥମ ବର୍ଗରେ ଥିବା ରାଜ୍ୟମାନଙ୍କ ସହ ପ୍ରତିଯୋଗିତା କରିବାକୁ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ । ଦ୍ୱିତୀୟ ପ୍ରସଙ୍ଗଟି ହେଲା ଡାଲିଜାତୀୟ ଫସଲ ଓ ତୈଳବୀଜ ଉତ୍ପାଦନ ପାଇଁ ରାଜ୍ୟରେ ଆବଶ୍ୟକ ସୁବିଧାସୁଯୋଗ ଥିବା ସତ୍ତ୍ୱେ ଏ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ। ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ନ ପାରିବାର କାରଣ ଅନୁଧ୍ୟାନ କରି ସରକାର ପଦକ୍ଷେପ ନେଲେ ଭଲ ହେବ । କପା, ଆଖୁ, ଛୋଟଶସ୍ୟ ଆଦି କଥା ମଧ୍ୟ ଆମକୁ ଚିନ୍ତା କରିବାକୁ ପଡ଼ିବ; କାରଣ ଏଥିରେ ଓଡ଼ିଶା ବହୁତ ପଛରେ । ଉଦ୍ୟାନକୃଷି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ କରେ। ଆମର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରଦର୍ଶନ ଅପେକ୍ଷାକୃତ ଭଲ ହେଲେ ମଧ୍ୟ ଏ କ୍ଷେତ୍ରରେ ବିଶାଳ ସମ୍ଭାବନାକୁ ଏବେ ମଧ୍ୟ ଉପଯୋଗ କରାଯାଇ ପାରିନାହିଁ। ନମୁନା ସର୍ଭେ ତଥ୍ୟକୁ ଭିତ୍ତିକରି ଏବେ ରାଜ୍ୟ ସରକାର କହୁଛନ୍ତି ଓଡ଼ିଆଚାଷୀଙ୍କ ଆୟ ଦୁଇଗୁଣ ହୋଇଛି । ଏ ଦାବି ପଛରେ ବିଶେଷ କିଛି ଗର୍ବ କରିବା ବା ବାହାଦୁରି ନେବାର ନାହିଁ । ଦଶବର୍ଷ ତଳେ ଦେଶ ବା ରାଜ୍ୟର ସାଧାରଣ ମୂଲ୍ୟସୂଚୀ ଯାହାଥିଲା ଏବେ ତାହା ପାଖାପାଖି ୫ଗୁଣ ବଢ଼ିଛି । ସାମଗ୍ରୀ ମହଙ୍ଗା ହୋଇଥିବା ବେଳେ ଟଙ୍କାର କ୍ରୟଶକ୍ତି କମିଛି। ସବୁ ଜିନିଷର ମୂଲ୍ୟ ବଢ଼ିଥିବାବେଳେ କୃଷିଜାତ ସାମଗ୍ରୀର ମୂଲ୍ୟ ବଢ଼ିଛି । ତଦନୁସାରେ ଚାଷୀ ତା'ର ଉତ୍ପାଦିତ ସମାଗ୍ରୀର ମୂଲ୍ୟ ବଢ଼ାଇବାକୁ ବାଧ ହୋଇଛି। ଏହି ମୂଲ୍ୟରେ ତା'ର ଉତ୍ପାଦନ ଖର୍ଚ୍ଚ, ନିଜସ୍ୱ ମଜୁରି ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି । ତେଣୁ ତାହାର ଆୟ ବଢ଼ିଛି ବୋଲି କହିବା ଠିକ୍ ନୁହେଁ । ଯଦି ଚାଷୀଙ୍କର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥା'ନ୍ତା, ତା'ହେଲେ ସେମାନେ ଲାଭବାନ ହୋଇଥାନ୍ତେ। କୃଷି କ୍ଷେତ୍ରରେ ବିଭିନ୍ନ ଅଗ୍ରଣୀ ରାଜ୍ୟର କୃଷିଜାତ ଦ୍ରବ୍ୟ ଅମଳ ପରିମାଣ ହେକ୍ଟର ପିଛା ଯାହା ଓଡ଼ିଶା ସେଥିରେ ବହୁ ପଛରେ। ସେହିଭଳି ଚାଷଜମିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପଛରେ। ଏଠାରେ ସାର ବ୍ୟବହାର ମଧ୍ୟ ଜାତୀୟ ହାରଠାରୁ କମ୍ । ସର୍ବୋପରି ଓଡ଼ିଶାରେ ଏବେ ବିଭିନ୍ନ କାରଣରୁ ଅଧା ଚାଷଜମି ପଡ଼ିଆ ପଡୁଛି। ଚାକିରି କରିଥିବା ଲୋକଙ୍କ ବେତନ, ମଜୁରି ଓ ଦରଦାମ ଯେଉଁ ତୁଳନାରେ ବଢ଼ିଛି ତଦନୁସାରେ ଚାଷୀର ଆୟ ନଗଣ୍ୟ। ତେଣୁ ଏହାକୁ ନେଇ ସରକାର ଛାତି ଫୁଲେଇ ବାହାବା ନେବା ତୁଚ୍ଛା ବାହାଦୁରି। ଓଡ଼ିଆ ଚାଷୀର ଆୟ ଯଦି ୪/୫ ଗୁଣା ବଢ଼ିଥା'ନ୍ତା ତେବେ ଏହାକୁ ନେଇ ଗର୍ବ କରିହୋଇଥାନ୍ତା। ରାଜ୍ୟର ମୋଟ ୭୦ ଶତାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ସେମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ପରିବାର ପୋଷଣ ପାଇଁ ଚାଷ କରିଥାନ୍ତି। ଏହାସତ୍ତ୍ୱେ ରାଜ୍ୟର ମୋଟ ଘରୋଇ ଉତ୍ପାଦନରେ କୃଷିକ୍ଷେତ୍ରର ଅବଦାନ ୧୮ ଶତାଂଶ ଯାହା ନଗଣ୍ୟ । ଏହି କ୍ଷେତ୍ରରେ ଯେତେ ଲୋକ ସମ୍ପୃକ୍ତ ସେମାନଙ୍କ ମଧ୍ୟରୁ ଅଧେଙ୍କୁ ବାହାର କରିଦେଇ ଅନ୍ୟ କ୍ଷେତ୍ରରେ କାମଧନ୍ଦା ଯୋଗାଇଲେ ବରଂ ସେମାନଙ୍କ ଆୟ ବଢ଼ିବ। ଚାଷବାସ ଭଳି ସୀମିତ କ୍ଷେତ୍ରରେ ଅସୀମିତ ଲୋକଙ୍କ ସମ୍ପୃକ୍ତି ସମ୍ପୃକ୍ତ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହେବନାହିଁ। ଓଡ଼ିଶା ସରକାର କୃଷି ବିକାଶର ଡିଣ୍ଡିମ ପିଟୁଥିବାବେଳେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଓ ଧାନଭଳି କୃଷିଜାତ ପଦାର୍ଥର ଅଭାବୀ ବିକ୍ରି ଏକ ନିତିଦିନିଆ ଘଟଣା ପାଲଟିଛି । ଯେଉଁ ସାମଗ୍ରୀର ଚାହିଦା ରହିଛି ତାହାକୁ ଚାଷ ନ କରି କେବଳ ଧାନଚାଷରେ ମାତିଲେ ସମସ୍ୟାର ସମାଧାନ ତ ହେବନାହିଁ, ବରଂ ଏହା ବଢ଼ିବ । ରାଜ୍ୟ ସରକାର ଏ ଦିଗପ୍ରତି ଦୃଷ୍ଟିଦେଇ ନୂଆ ନୀତି ପ୍ରଣୟନ କରନ୍ତୁ । ଖାଦ୍ୟଶସ୍ୟ ସହ ଡାଲି, ତୈଳବୀଜ, ପନିପରିବା, ଆଳୁପିଆଜ, ମାଛମାଂସ ଭଳି ବହୁଳ ବ୍ୟବହୃତ ଜିନିଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଲେ ଯାଇ ଆମେ ନିଶଫୁଲାଇ ଚାଲିପାରିବା ଏବଂ ଗର୍ବର ସହ ଆମ କୃଷି ଉପଲବ୍ଧିର କାହାଣୀ କହିପାରିବା।

## ଗୁରୁପୁତ୍ର ଜୋରାବର ଓ ଫତେହ ସିଂହଙ୍କ ବଳିଦାନ ଓ ବୀର ବାଳ ଦିବସ



ଭାରତର ପଶ୍ଚିମୋତର ଅଂଚଳରେ ଆରମ୍ଭ ହୋଇଥିବା ଭାରତୀୟ ଦଶ ଗୁରୁ ପରମ୍ପରା ଯଦି ନ ଥାନ୍ତା ତେବେ ପାଖା ପାଖି ଅଧା ଉତର ଭାରତ ଇସଲାମରେ ମତାନ୍ତରିତ ହୋଇ ସାରିଥାନ୍ତା। ଦଶ ଗୁରୁ ପରମ୍ପରାର ଦଶମ ଗୁରୁ ଗୁରୁ ଗୋବିନ୍ଦ ସିଂହଙ୍କ ପ୍ରକାଶ ପର୍ବ ଦିନ ପ୍ରଧାନମନ୍ତ୍ରୀ ମୋଦି ୨୦୨୨ରେ ଦୁଇ ସାନ ଗୁରୁ ପୁତ୍ରଙ୍କ ବଳିଦାନ ଦିବସକୁ ବୀର ବାଳ ଦିବସ ରୂପେ ପାଳନ କରିବା ସମ୍ପର୍କରେ ଘୋଷଣା କରିଛନ୍ତି ।



ସେତେବେଳେ ମୁଗଲ ଶାସକ ଔରଙ୍ଗଜେବର ଶାସନ ଥିଲା । ସବୁ ଆଡେ ହିନ୍ଦୁ ମାନଙ୍କୁ ଜୋର ଜବରଦସ୍ତି ଧର୍ମାନ୍ତରୀକରଣ କରା ଯାଉଥିଲା । ଜିଜିଆ କର ନିଆଯାଉଥିଲା । ହିନ୍ଦୁ ମାନଙ୍କର ପବିତ୍ର ସ୍ଥଳ ଗୁଡିକୁ ଅପବିତ୍ର କରା ଯାଉଥିଲା । ଏଭଳି ଏକ ମହୁର୍ତରେ ଭାରତୀୟ ଦଶ ଗୁରୁ ପରମ୍ପରାର ଦଶମ ଗୁରୁ ଗୁରୁ ଗୋବିନ୍ଦ ସିଂହ ଆନନ୍ଦପୁର ସାହେବ ଠାରେ ପଂଚ ପ୍ୟାରେଙ୍କୁ ନେଇ ଖାଲସା ପନ୍ଥ ଆରମ୍ଭ କରିଥିଲେ । ଗୁରୁ ଗୋବିନ୍ଦ ସିଂହଙ୍କ ପିତା ତଥା ନବମ ଗୁରୁ ଗୁରୁ ତେଗ ବାହାଦୁର ଓ ଜେଜେବାପା ଗୁରୁ ଅର୍ଜୁନ ଦେବଙ୍କ ଧର୍ମ ରକ୍ଷା ପାଇଁ ବଳିଦାନ ହୋଇ ସାରିଥିଲା ।

ଔରଙ୍ଗଜେବ ବାରମ୍ବାର ଆନନ୍ଦପୁର ସାହେବ ଉପରେ ଆକ୍ରମଣ କରିବାକୁ ତାର ବିଭିନ୍ନ ସ୍ଥାନରେ ଥିବା ନବାବ ମାନଙ୍କୁ ପଠାଉଥିଲା । ଅନେକ ଥର ସେମାନେ ବିଫଳ ହୋଉଥିଲେ । ଏହା ପରେ ସେ ସରହିନ୍ଦର ନବାବ ବଜିର ଖାନ, ଲାହୋରର ନବାନ ଦିଲାବର ଖାନ ଓ କାଶ୍ମୀରର



ନବାବ ଜବରଦସ୍ତ ଖାନଙ୍କୁ ଆଦେଶ ଦେଲା ଯେ ସେମାନେ ଆନନ୍ଦପୁର ସାହେବ ଉପରେ ଆକ୍ରମଣ କରନ୍ତୁ । ଏହା ପରେ ସେମାନେ ଆନନ୍ଦପୁର ସାହେବକୁ ଘେରି ଆକ୍ରମଣ କରି ଦେଲେ। ଅନେକ ଦିନ ଧରି ଯୁଦ୍ଧ ଚାଲିଲା। ଏହାପରେ ଗୁରୁଜୀ କିଛି ସୈନିକଙ୍କୁ ଧରି ଦୂର୍ଗରୁ ବାହାରି ଆସିଲେ। ସାମନାରେ ସରସା ନଦୀ ଥିଲା। ଗୁରୁଜୀ ସରସା ନଦୀ ପାର କରି ଚମକୌର ସାହେବ ପହଂଚିଲେ। ସେତେବେଳକୁ ତାଙ୍କ ସହ ମାତ୍ର ୪୦ ଜଣ ସୈନିକ ଥିଲେ। ଗୁରୁଜୀ ତାଙ୍କର ଏହି ସେନାକୁ ଛୋଟ ଛୋଟ ଦଳରେ ବିଭାଜିତ କରି ଦେଲେ। ତାଙ୍କର ଦୁଇ ବଡ ପୁଅ ଅଜିତ ସିଂହ ଓ ଜୁଝାର ସିଂହ ଦୁଇଟି ଦଳର ନେତୃତ୍ୱ ନେଇଥିଲେ । ସେମାନେ ମୁଗଲ ସେନା ସହ ରଣଭୂମିରେ ଲଢି ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରି ବୀର ଗତି ପ୍ରାପ୍ତ ହେଲେ । ଅନ୍ୟପଟେ ସରସା ନଦୀରେ କୂଳରେ ହୋଇଥିବା ଭୟଙ୍କର ଯୁଦ୍ଧ ସମୟରେ ଗୁରୁ ଗୋବିନ୍ଦ ସିଂହଙ୍କ ଦୁଇ ସାନ ପୁତ୍ର ଜୋରାବର ସିଂହ ଓ ଫତେହ ସିଂହ ତଥା ଗୁରୁଜୀଙ୍କ ମାତା ଗୁଜରୀ ଦେବୀ ଖାଲସା ପରିବାରଠାରୁ




ଅଲଗା ହୋଇ ଯାଇଥିଲେ । ସେମାନଙ୍କ ସରହିନ୍ଦର ନବାବ ତାଙ୍କୁ ଗିରଫ କରି ନେଇଥିଲା। ଡିସେମ୍ବର ମାସର ଏହି ହାଡ ଥରା ଶୀତରେ ଜେଜେମା ଗୁଜରୀ ଦେବୀ ଓ ଦୁଇ କୁନି ନାତି ଜୋରାବର ସିଂହ ଓ ଫତେହ ସିଂହ ଙ୍କୁ ସେ ଖୋଲାରେ କଏଦୀ କରି ରଖିଲା। ସେମାନଙ୍କର ବୟସ ଜଣଙ୍କର ୯ ବର୍ଷ ଓ ଅନ୍ୟ ଜଣଙ୍କର୭ ବର୍ଷ । ତା ପର ଦିନ ଏହି ଦୁଇ ଶିଶୁଙ୍କୁ ସରହିନ୍ଦର ନବାବର କଚେରୀକୁ ନିଆ ଗଲା । ଏହି ଦୁଇ ନିଷ୍ପାପ ଶିଶୁ ନବାବ ସାମନାରେ ପହଂଚି ଥିଲେ। ସେମାନଙ୍କ ମନରେ ଭୟର ସାମାନ୍ୟତମ ଲକ୍ଷଣ ନ ଥିଲା । ସେମାନେ ଉଚ୍ଚ ସ୍ୱରରେ କହିଥିଲେ –'ବାହେ ଗୁରୁଜୀ କା ଖାଲସା, ବାହେ ଗୁରୁଜୀ କୀ ଫତେହ'। ଏହା ଶୁଣି ନବାବର ଦରବାରରେ ଥିବା ଜଣେ ବ୍ୟକ୍ତି ଶିଶୁ ମାନଙ୍କୁ କହିଲା ପିଲା ମାନେ, "ଏହା ତୁମ ପିତା ଗୁରୁ ଗୋବିନ୍ଦ ସିଂହଙ୍କ ଦରବାର ନୁହେଁ। ଏହା ସରହିନ୍ଦର ନବାବ ବଜିର ଖାନର କଚେରୀ । ତେଣୁ ନତ ମସ୍ତକ ହୋଇ ତାଙ୍କୁ ସଲାମ କର" । ତେବେ ଏହି ଦୁଇ ଜଣ ଶିଶୁ ଉଚ୍ଚ ସ୍ୱରରେ କହିଥିଲେ " ଗୁରୁଙ୍କ ଖାଲସା କେବଳ ବାହେ ଗୁରୁଙ୍କ ଫତେହ ହିଁ କହିଥାଏ , ଆଉ କିଛି କହି ନ ଥାଏ। "ଏହି ଶିଶୁ ମାନଙ୍କ ଠାରୁ ଏପରି କଥା ଶୁଣି ନବାବ ରାଗି ଯାଇଥିଲା।

ଏହା ପରେ ଏହି ଗୁରୁପୁତ୍ର ମାନଙ୍କୁ ଇସଲାମରେ ମତାନ୍ତରିତ କରିବାକୁ ପ୍ରୟାସ କରାଗଲା । ପ୍ରଥମେ ସେମାନଙ୍କୁ ଭଲରେ ବୁଝାଗଲା ପରେ ଲୋଭ ଦେଖାଗଲା ଓ ଶେଷରେ ସେମାନଙ୍କୁ ମୃତ୍ୟୁ ଦଣ୍ଡ ଦିଆ ଯିବ ବୋଲି ଧମକ ଦିଆ ଗଲା। ହେଲେ ଗୁରୁପୁତ୍ର ମାନେ ଇସଲାମ ସ୍ୱୀକାର କରିବାକୁ ମନା କରି ଦେଇଥିଲେ । ବଜିର ଖାନ ସେମାନଙ୍କୁ ପଚାରିଥିଲା – "ଯଦି ତୁମକୁ ଛାଡିଦିଆଯାଏ, ତେବେ ତୁମେ କଣ କରିବ? ଏହାର ଉତରରେ ଗୁରୁପୁତ୍ରମାନେ କହିଥିଲେ - ପ୍ରଥମେ ତ ତୁମେ ଆମକୁ ଛାଡି ଦେବ ବୋଲି ଆମେ ବିଶ୍ୱାସ କରୁ ନାହୁଁ କିନ୍ତୁ ଯଦି ତୁମେ ଆମକୁ ଛାଡି ଦିଅ ତେବେ ଆମେ ବାହାରକୁ ଯାଇ ଅଧିକ ଲୋକଙ୍କୁ ଏକତ୍ରିତ କରିବୁ ଓ ତୁମର ଏହି ନୃଶଂସ ଶାସନକୁ ହଟାଇବା ପାଇଁ ଯୁଦ୍ଧ କରିବୁ। "ଏହା ଶୁଣି ବଜୀର ଖାନ ଆହୁରି ରାଗିଗଲା। ସେ ଗୁରୁପୁତ୍ର ମାନଙ୍କୁ କହିଲା – "ଏବେ ମଧ୍ୟ ସମୟ ଅଛି , ତୁମେ ମୋ କଥା ମାନି ନିଅ । ତୁମେ ଇସଲାମ ଆପଣାଇ ନିଅ। ନ ହେଲେ ତୁମକୁ ଅତ୍ୟନ୍ତ କଷ୍ଟରେ ମରିବାକୁ ପଡିବ। "ଏହାର ଉତରରେ ଗୁରୁପୁତ୍ର ମାନେ କହିଥିଲେ - " ଏ ବଜୀର ଖାନ, ଆମକୁ ମୃତ୍ୟୁର ଭୟ ଦେଖାଅ ନାହିଁ । ଜୀବନ ଓ ମୃତ୍ୟୁ ପରମାତ୍ମାଙ୍କ ହାତରେ ଅଛନ୍ତି । ଆମେ ବିନା ଭୟରେ ବଂଚୁ, ବିନା ଭୟରେ ମରୁ । ଆମେ ଆମ ଧର୍ମ କଦାପି ଛାଡିବୁ ନାହିଁ । ନିଜ ଧର୍ମ ପାଇଁ ବଳିଦାନ ଦେବାର ଶିକ୍ଷା ଆମେ ଆମର ଅଣ ଜେଜେ ଗୁରୁ ଅର୍ଜୁନ ଦେବଜୀ ଓ ଜେଜେ ଗୁରୁ ତେଗ ବାହାଦୁରଜୀଙ୍କ ଠାରୁ ଶିଖିଛୁ। "

ଗୁରୁପୁତ୍ର ମାନଙ୍କୁ ମୁଣ୍ଡ ନୁଆଇଁବା ପାଇଁ ଶତ ଚେଷ୍ଟା କରିବା ପରେ ମଧ୍ୟ ନବାବ ବଜୀର ଖାନ ବିଫଳ ହେବା ପରେ ସେ ଆହୁରି ରାଗି ଯାଇଥିଲା । ସେ ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ଦେଲା - ଏହି ଦୁଇ ବାଳକଙ୍କ ଚାରିପଟେ କାନ୍ଥ ଉଠାଇ ଜୀବନ୍ତ ସମାଧି ଦେଇ ଦିଅ । ନବାବର ଏହି କ୍ରୁର ଆଦେଶ ସଂପୂର୍ଣ୍ଣ ଆକାଶରେ ଗୁଂଜାୟମାନ ହେଲା। ତା ପରେ ଏହି ନିଷ୍ପାପ ବାଳକ ଦୁଇ ଜଣଙ୍କ ଚାରି ପଟେ କାନ୍ଥ ଉଠାଇବା କାମ ଆରମ୍ଭ ହେଲା । କିଛି ସମୟ ପରେ ବଡ ଭାଇଙ୍କ ଆଖିରେ ଅଶ୍ରୁ ବହିବାରେ ଲାଗିଲା। ସାନଭାଇ ତାଙ୍କୁ ପଚାରିଲେ "ଭାଇ, ଆଖିରେ ଲୁହ କାହିଁକି । ବଳିଦାନକୁ ଡରି ଗଲ କି? " ବଡ ଭାଇ ଉତର ଦେଲେ – "ମୁଁ ମୃତ୍ୟୁକୁ ଡରେ ନାହିଁ, ଈର୍ଷା ହେଉଛି । ତୁ ମୋ ଠାରୁ ପରେ ଏହି ଦୁନିଆକୁ ଆସିଥିଲୁ ହେଲେ ଧର୍ମ ରକ୍ଷା ପାଇଁ ମୋ ଠାରୁ ଆଗରୁ ବଳିଦାନ ଦେବାର ସୌଭାଗ୍ୟ ତୋତେ ମିଳୁଛି । ଏହାକୁ ନେଇ ମୋ ମନରେ ଦୁଃଖ ହେଉଛି। "

ଏହାପରେ ଉଭୟ ବାଳକଙ୍କ ଚାରି ପଟେ କାନ୍ଥ ଉଠାଇ ଦିଆ ଗଲା। ଏହି ଦିନଟି ଅନନ୍ତ କାଳ ପାଇଁ ଇତିହାସରେ ଅଂକିତ ହୋଇଗଲା । ଗୁରୁ ଗୋବିନ୍ଦ ସିଂହଜୀଙ୍କର ଦୁଇ ପୁଅଙ୍କ ବଳିଦାନ ହେଲା । ତାଙ୍କର ଅପରାଧ କଣ ଥିଲା? ସେମାନଙ୍କର କେବଳ ଏତିକି ଅପରାଧ ଥିଲା ଯେ ସେମାନେ ସତ୍ୟ ଓ ଧର୍ମର ତ୍ୟାଗ କରି ନ ଥିଲେ । ମୃତ୍ୟୁକୁ ପରିହାସ କରୁଥିବା ଭଳି ଏଭଳି ଇତିହାସ ବିଶ୍ୱରେ ଆଉ କେଉଁଠି ବା ମିଳିବ ? ଏହା ପରେ ଏହି ବାଳକମାନଙ୍କର ଜେଜେମା ଗୁଜୁରୀ ଦେବୀ ମଧ୍ୟ ବଳିଦାନ ଦେଲେ ।

ପରବର୍ତୀ ସମୟରେ ନିଜର ଧର୍ମପତ୍ନୀ ଗୁରୁ ଗୋବିନ୍ଦ ସିଂହଜୀଙ୍କୁ ତାଙ୍କର ପୁତ୍ରମାନଙ୍କ ସମ୍ପର୍କରେ ପଚାରିଲେ । ଗୁରୁଜୀ ଜଣେ ନିର୍ଲିପ୍ତ ସନ୍ୟାସୀ ଭାବେ ଏହାର ଉତର ଦେଲେ। କହିଲେ – "ଇନ ପୁତ୍ରନ କେ ସିସ ପର ବାର ଦିଏ ସୁତ ଚାର, ଚାର ମୁଏ ତୋ କ୍ୟା ହୁଆ ଜୀବତ କଇ ହଜାର । " ଶହ ଶହ ବର୍ଷ ଧରି ହୋଇଥିବା ବିଦେଶୀ, ବିଧର୍ମୀ ଆକ୍ରମଣକାରୀ ମାନଙ୍କର ବର୍ବର ଆକ୍ରମଣ ସତ୍ତ୍ୱେ ଏହି ଜାତି ଏପରି ହିଁ ବଂଚି ନାହିଁ ଏଥି ପାଇଁ ଏହି ବୀର ବାଳକମାନଙ୍କ ପରି ହଜାର ହଜାର ସଂଖ୍ୟାରେ ବଳିଦାନ ଦେବା କାରଣରୁ ଏହି ଜାତି ଆଜି ବଂଚିଛି । ଆଜି ମଧ୍ୟ ସରହିନ୍ଦର ଲୋକ ମାନେ ଏହି ଘଟଣାକୁ ମନେ ପକଇ ଡିସେମ୍ବର ୨୬ ତାରିଖ ଦିନ ରାତ୍ରୀରେ ଖଟରେ ନ ଶୋଇ ଚଟାଣରେ ଶୋଇଥାନ୍ତି ।

**ଡ. ସମନ୍ୱୟ ନନ୍ଦ,** ଖାରବେଳ ନଗର, ଭୁବନେଶ୍ୱର

## ଭେଙ୍କଟେଶ୍ୱର ସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



କୋଣାର୍କ (ପିଏନ୍): କୋଣାର୍କ ଅନ୍ତର୍ଗତ ମା' ଭଗବତୀ ବିହାର ସ୍ଥିତ ଭେଙ୍କଟେଶ୍ୱର ସ୍କୁଲ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ଦୁଇ ଦିନିଆ ନବମ୧୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଉଦଘାଟିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ମା' ଭଗବତୀଙ୍କ ପୀଠରୁ କ୍ରୀଡା ମଶାଲ ଧରୀ ଶୋଭାଯାତ୍ରାରେ ଆସିବାପରେ ଖେଳ ପଡିଆ ପରିକ୍ରମା କରିଥିଲେ। କ୍ରୀଡାଉତ୍ସବରେ ଅତିଥିଭାବେ ଭେଙ୍କଟେଶ୍ୱର ସ୍କୁଲର ସମ୍ପାଦକ ଗୁଣନିଧି ମୁଦୁଲି, ଯୋଗଦେଇ ଉଦଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠ ପଢ଼ିବା ସଙ୍ଗେ ସଙ୍ଗେ ଖେଳୁଆଡ଼ ମନୋବୃତି ନେଇ ଖେଳିବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନେ ସମୁହ କ୍ରୀଡା ସପଥ ଗ୍ରହଣ କରିବା ପରେ ସ୍କୁଲର ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଥିଲା। ଏହି ବାର୍ଷିକ କ୍ରୀଡ଼ାରେ ସ୍କୁଲର ଛାତ୍ରଛାତ୍ରୀମାନେ ୧୫ଟି ବିଭାଗରେ ଭାଗନେଉଛନ୍ତି। ସ୍କୁଲର ଛାତ୍ରଛାତ୍ରମାନେ ୨୦୦ ଓ ୧୦୦ମିଟର ଦୌଡ, ଲମ୍ବ ଓ ଉଚ୍ଚ ଡିଆଁ, ମିୟୁଜିକ ଚେୟାର, ମ୍ୟାଥ ରେସ ଇତ୍ୟାଦି ବିଭାଗରେ ଭାଗନେଇଛନ୍ତି । ଦୁଇଦିନ ବ୍ୟାପି ଏହି କ୍ରୀଡ଼ା ଉତ୍ସବରେ ବାଳକ ଓ ବାଳିକାମାନଙ୍କୁ ପୃଥକ ପୃଥକ ଭାବେ ତିନୋଟି ବର୍ଗରେ ବିଭାଜିତ କରାଯାଇ ଦୌଡ଼, ଡିଆଁ ଓ ଫିଙ୍ଗା ଆଧାରରେ ଖେଳ ପ୍ରତିଯୋଗୀତା କରାଯାଉଛି। ଭେଙ୍କଟେଶ୍ୱର ସ୍କୁଲର ମୁଖ୍ୟ ପରିଚାଳକ ମାନସ କୁମାର ମୁଦୁଲି, ଅଧ୍ୟାପକ ବିନୟ ଭୂଷଣ ମହାନ୍ତ. ସ୍କୁଲର ଅଧକ୍ଷଙ୍କ ପ୍ରଶାଦରଞ୍ଜନ ପାତ୍ର ପ୍ରମୁଖ ଖେଳା ପରିଚାଳନା କରୁଥିବାବେଳେ ସ୍କୁଲର ଶିକ୍ଷୟିତ୍ରୀ ବିସ୍ମିତା ମହାପାତ୍ର, ସଙ୍ଘମତ୍ରା ତ୍ରିପାଠୀ, ବର୍ଷାରାଣି ଜେନା, ଲକ୍ଷ୍ମୀପ୍ରିୟା ମହାପାତ୍ର, ଶ୍ରଦ୍ଧାଞ୍ଜଳି ଜେନା, ମୌସୁମି ରାଉତରାୟ, ରାଜଶ୍ରୀ ଜେନା, ଲିନା ବେହେରା, ପ୍ରେମଶଙ୍କର ପୂଜାରୀ, ଶ୍ରଦ୍ଧାସୋନାଲି ସାହୁ, ନିଳିମା ଶତପଥି, ସଙ୍ଗୀତା ଦାସ, ତପସିନୀ ଦାସ, ଅନୁପମା କର, ସସ୍ମିତା ଖଟୋଇ, ଗୀତାଞ୍ଜଳି ମହାରଣା, ସତ୍ୟରଞ୍ଜନ ରଥ, ବିଶ୍ୱଜିତ ପରିଡା, ସୁଦିପ ଦାସ, ବିନୟ କୁମାର ମହାପାତ୍ର ପ୍ରମୁଖ ଖେଳପଡ଼ିଆରେ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଉଦ୍‌ଯପନୀ ଦିବସରେ ପୁରସ୍କୃତ କରାଯିବ ବୋଲି ସ୍କୁଲର ପକ୍ଷରୁ ସୂଚନା ଦିଆଯାଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଝିଅର ସ୍ୱପ୍ନ ପୂରଣ କରିବାକୁ ପିଲା ଚୋରି କଲେ ଦମ୍ପତି



**ଗୌହାଟୀ:** ଝିଅକୁ ବାହାଘର କରାଇଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲା ତାଙ୍କର କୌଣସି ପିଲାଛୁଆ ହେଉ ନଥିଲା। ଏଥିପାଇଁ ଝିଅକୁ ଶାଶୂ ଘର ଲୋକ ଅନେକ କିଛି କହୁଥିଲେ। ଝିଅ ମଧ୍ୟ ପିଲାଛୁଆ ନ ହେବାରୁ ମାନସିକ ଅବସାଦରେ ରହୁଥିଲେ। ଝିଅର ଏହି କଷ୍ଟ ସହି ନ ପାରି ବାପା ମା' ଘଟାଇଛନ୍ତି ଅଭାବନୀୟ ଘଟଣା।

ସେମାନେ ଜଣେ ମହିଳାଙ୍କୁ ହତ୍ୟା କରିବା ସହ ତାଙ୍କର ୧୦ ମାସର ପିଲାକୁ ଚୋରି କରିଛନ୍ତି। କିନ୍ତୁ ଚୋରି ପିଲାକୁ ଝିଅ ପାଖକୁ ପୁଅ ହାତରେ ପଠାଇବା ପୂର୍ବରୁ ପୁଲିସ୍ ସବୁ କିଛି ବିଗାଡି ଦେଇଛି। ଏହି ଘଟଣାରେ ପୀଡିତାଙ୍କ ମା' ମଧ୍ୟ ସାମିଲ ରହି ଦମ୍ପତିଙ୍କୁ ସବୁ ପ୍ରକାରର ସହଯୋଗ କରିଥିଲେ। ଆସାମରେ ଘଟିଥିବା ଫିଲ୍ମ ଷ୍ଟାଇଲର ଏହି ଘଟଣାରେ ପୁଲିସ୍ ଦମ୍ପତି, ତାଙ୍କ ପୁଅ ଓ ପୀଡିତାଙ୍କ ମା'ଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ମଙ୍ଗଳବାର ସକାଳେ ଚ୍ରାଇଦେଓ ଜିଲ୍ଲାର ରାଜାବରୀ ଟି ଇଷ୍ଟେଟ ଡ୍ରେନରୁ ନିତୁମଣି ନାମକ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ନିତୁମଣିଙ୍କ ଘର କେନ୍ଦୁଗୁରି ବାଇଲଙ୍ଗ ଗାଁରେ। ସେ ସୋମବାର ସନ୍ଧ୍ୟା ବେଳଠାରୁ ସିମାଲୁଗୁଡିର ଗୋଟିଏ ମାର୍କେଟରୁ ନିଖୋଜ ଥିବା ବେଳେ ମଙ୍ଗଳବାର ତାଙ୍କ ମୃତଦେହ ମିଳିଥିଲା। ପୁଲିସ୍ କହିଛି ଯେ ନିତୁମଣିଙ୍କ ୧୦ ମାସର ଶିଶୁକୁ ଗିରଫ ଦମ୍ପତି ହିମାଚ୍ଳ ପ୍ରଦେଶରେ ଥିବା ନିଜ ଝିଅ ପାଖକୁ ପଠାଇବାକୁ ଚାହୁଁଥିଲେ। କିନ୍ତୁ ପୁଲିସ୍ ବିଶେଷ ସୂତ୍ରରୁ ଖବର ପାଇ ଢେଙ୍ଗାପୁଖୁରିର ହୀରାମଣି ଓ ତାଙ୍କ ସ୍ୱାମୀ ବସନ୍ତ ଗୋଗୋଇଙ୍କୁ ସିମାଲୁଗୁଡି ରେଲବାଇ ଜଙ୍କସନରୁ ଗିରଫ କରିଛି। ଦିନକ ପରେ ପୁଲିସ୍ ଦମ୍ପତିଙ୍କ ପୁଅ ପ୍ରଶାନ୍ତ ଓ ନିତୁମଣିଙ୍କ ମା' ବବୀଙ୍କୁ ଏହି ଘଟଣାରେ ଗିରଫ କରିଛି। ଗୋଗୋଇ ପରିବାର ନିତୁମଣି ଓ ତାଙ୍କ ପିଲାକୁ ପ୍ରଥମେ ଅପହରଣ କରିଥିଲେ। ସେମାନେ ହିମାଚ୍ଳରେ ରହୁଥିବା ନିଜ ଝିଅ ପାଇଁ ନିତୁମଣିଙ୍କ ପିଲାକୁ ପଠାଇବା ପାଇଁ ଚାହୁଁଥିଲେ। ଦମ୍ପତି ଗିରଫ ହେବା ବେଳକୁ ତାଙ୍କ ପୁଅ ପ୍ରଶାନ୍ତ ଟ୍ରେନରେ ନିତୁମଣିଙ୍କ ପିଲାକୁ ଧରି ହିମାଚ୍ଳ ଅଭିମୁଖେ ଯାତ୍ରା ଆରମ୍ଭ କରି ସାରିଥିଲେ। କିନ୍ତୁ ପୁଲିସ ତାଙ୍କୁ ଟ୍ରେନ ଭିତରୁ ଗିରଫ କରିଛି। ଏହା ଏକ ଯୋଜାବଦ୍ଧ ହତ୍ୟା ଓ ଅପହରଣ ଘଟଣା। ଗୋଗୋଇ ଦମ୍ପତି ନିଃସନ୍ତାନ ଜୀବନ କାଟୁଥିବା ଝିଅର ସ୍ୱପ୍ନକୁ ପୂରଣ କରିବା ପାଇଁ ଏପରି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କାମ ଦେବାକୁ ପ୍ରଥମେ ନିତୁମଣିଙ୍କୁ ଗୋଗୋଇ ଦମ୍ପତି ଡାକିଥିଲେ। ସେ ମଧ୍ୟ ନିଜ ପିଲାକୁ ଧରି ଆସିଥିଲେ। ଏହି ସମୟରେ ସେମାନେ ତାଙ୍କ ପିଲାଟିକୁ ଛଡାଇ ନେବାକୁ ଚେଷ୍ଟା କରିଥିଲେ। ଏଥିରେ ସେ ବାଧା ଦେବାକୁ ଗୋଗୋଇ ଦମ୍ପତି ତାଙ୍କୁ ହତ୍ୟା କରଥିଲେ ବୋଲି ପୁଲିସ୍ ତଦନ୍ତରୁ ଜାଣିବାକୁ ପାଇଛି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାରେ କୃଷକଙ୍କ ସହିତ କିସାନ ଦିବସ ପାଳନ

**ଭୁବନେଶ୍ୱର :** ବେଦାନ୍ତ ଆଲୁମିନିୟମ ଭାରତର ବୃହତମ ଆଲୁମିନିୟମ ଉତ୍ପାଦନକାରୀ, ଝାରସୁଗୁଡ଼ାର ସ୍ଥାନୀୟ କୃଷକ ଗୋଷ୍ଠୀଙ୍କ ପାଇଁ କିସାନ ଦିବସ ପାଳନ କରିଛି। ଏହି କାର୍ଯ୍ୟକ୍ରମରେ କୃଷକ, କମ୍ପାନିର ଜୀବିକା ସମୃଦ୍ଧି ଓ ଶୁଭଲକ୍ଷ୍ମୀ ସମବାୟ ସମିତି ପ୍ରକଳ୍ପରେ ନାମାଙ୍କିତ କୃଷି ଉଦ୍ୟୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଜୀବିକା ସମୃଦ୍ଧି ହେଉଛି କଂପାନି ଦ୍ୱାରା କୃଷି ପାଇଁ ପରିଚାଳିତ ଏକ ସ୍ଥାୟୀ ଜୀବିକା ପ୍ରକଳ୍ପ ଓ ଶୁଭଲକ୍ଷ୍ମୀ ମହିଳା ସମବାୟ ହେଉଛି ଭାରତର ବୃହତ ଗ୍ରାମୀଣ ମହିଳା ସମବାୟ ସମିତି।

ଏହି କାର୍ଯ୍ୟକ୍ରମରେ ଶ୍ରୀ ସୁରେନ୍ଦ୍ର ଡେଲକି, ସହକାରୀ ଉଦ୍ୟାନ କୃଷି ଅଧିକାରୀ-କୋଲାବିରା ବ୍ଲକ, ଓଡ଼ିଶା ସରକାର, ଶ୍ରୀମତୀ ଜାନବୀ ପ୍ରଧାନ, ସରପଂଚ, ପରମାଣପୁର ବ୍ଲକ ଉପସ୍ଥିତ ଥିଲେ। ଜମି ଓ ଜଳ ପରିଚାଳନା, ଫସଲ ଯୋଜନା, ଅମଳ ପରିଚାଳନା, ପ୍ରାକୃତିକ କୀଟନାଶକ ପରିଚାଳନା ଓ ସରକାରଙ୍କ ଦ୍ୱାରା ବିଭିନ୍ନ କୃଷି ଯୋଜନା ଉପରେ କୃଷକମାନଙ୍କ ସହିତ ଆଲୋଚନା କରିଥିଲେ। ଜୀବିକା ସମୃଦ୍ଧି ଜରିଆରେ ବେଦାନ୍ତ ଆଲୁମିନିୟମ ଏହି ଅଂଚଳର କୃଷକଙ୍କ ପାଇଁ ଉନ୍ନତ କୃଷି ଅଭ୍ୟାସ ଉପରେ ତାଲିମ ଦେଇ ସହାୟତା କରିଆସୁଛି। ଏହି ପ୍ରକଳ୍ପ



ଝାରସୁଗୁଡ଼ାର ପାଂଚୋଟି ଗ୍ରାମରେ ୩୦୦ରୁ ଅଧିକ ଚାଷୀ ପରିବାରକୁ ସକାରାତ୍ମକ ଭାବେ ପ୍ରଭାବିତ କରୁଛି ଓ କୃଷକଙ୍କ ମାସିକ ଆୟ ୫୦% ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କୃଷକମାନଙ୍କୁ ଉନ୍ନତ ଉତ୍ସ ଗୁଡ଼ିକ ବିଷୟରେ ସୂଚନା ଦେବା, ବିବିଧ ଫସଲ ପାଇଁ ପରାମର୍ଶ ଓ ସହାୟତା କରି ବର୍ଷ ତମାମ ଚାଷ କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ ହେବା ପାଇଁ ସୁଯୋଗ ଦେଇଛି। ସମୟକୁ ସମୟରେ ଉନ୍ନତ କୃଷି ଅଭ୍ୟାସ ଉପରେ ଉପଯୁକ୍ତ ତାଲିମ ଦିଆଯାଉଛି। ବେଦାନ୍ତ ଆଲୁମିନିୟମର ଶୁଭଲକ୍ଷ୍ମୀ ସମବାୟ ସମିତି ହେଉଛି ଭାରତର ବୃହତ ଗ୍ରାମୀଣ ମହିଳା ସମବାୟ ସମିତି ମଧ୍ୟରୁ ଅନ୍ୟତମ, ଯେଉଁଥିରେ ଓଡ଼ିଶାର ୭୨ଟି ଗ୍ରାମ ଓ ୪୧୦୦ରୁ ଅଧିକ ମହିଳା ସଦସ୍ୟ ରହିଛନ୍ତି। ଏମାନଙ୍କ ପାଇଁ ଆତ୍ମ ନିଯୁକ୍ତି ସୁବିଧା ସାଙ୍ଗକୁ ବଜାର ଲିଙ୍କେଜ କରାଯାଇଛି। ୧୮୦୦ରୁ ମହିଳା ଏହା ଦ୍ୱାରା ଉପକୃତ ହୋଇ ପାରୁଛନ୍ତି।

ସ୍ଥାନୀୟ କୃଷି ଗୋଷ୍ଠୀଙ୍କୁ ସମର୍ଥନ କରିବା ଲାଗି କଂପାନିର ଉଦ୍ୟମ ବିଷୟରେ ସୂଚନା ଦେଇ ଶ୍ରୀ ସୁନୀଲ ଗୁପ୍ତା, ସିଇଓ-ବେଦାନ୍ତ ଲିଃ, ଝାରସୁଗୁଡ଼ା କହିଛନ୍ତିଯେ-ଉନ୍ନତ ସମ୍ବଳ ଓ ଜ୍ଞାନ ଦ୍ୱାରା ଆମେ ଏହି ଅଂଚଳରେ କୃଷକମାନଙ୍କ ଆୟ ବୃଦ୍ଧି କରିବାରେ ସକ୍ଷମ ହୋଇଛୁ। କିସାନ ଦିବସରେ ସେମାନଙ୍କ ପ୍ରଗତିରେ ଅଂଶୀଦାର ହୋଇପାରିଥିବାରୁ ନିଜକୁ ଗୌରବାନ୍ୱିତ ମନେକରୁଛୁ। ଅଧିବେଶନରେ ଯୋଗ ଦେଇଥିବା ଜଣେ କୃଷକ ଅରୁଣ କୁମାର ପ୍ରଧାନ କହିଛନ୍ତିଯେ-ଆଜିର ତାଲିମ କାର୍ଯ୍ୟକ୍ରମ ନୂଆ କୃଷି ଅଭ୍ୟାସ ଉପରେ ଆମକୁ ଶିକ୍ଷା ଦେଇଛି। ମୁଁ ମୋ ଚାଷରୁ ଭଲ ଅମଳ କରିବାକୁ ଆଶା ରଖିଛି। ମୁଁ ବେଦାନ୍ତର ଜୀବିକା ସମୃଦ୍ଧି କାର୍ଯ୍ୟକ୍ରମ ସହ ଜଡ଼ିତ ଅଛି ଓ ଏଠାରୁ ବହୁ ସୂଚନା ପାଇ କାର୍ଯ୍ୟରେ ଲଗାଇଛି।

# ଆକ୍ୱାକନେକ୍ଟ ଲୋକ କ୍ୟାପିଟାଲ ଦ୍ୱାରା ପରିଚାଳିତ ସିରିଜ ଏ ପାଣ୍ଠି ରାଉଣ୍ଡରେ ୧୫ ମିଲିୟନ ଡଲାର ସଂଗ୍ରହ

**ଚେନ୍ନାଇ :** ଆକ୍ୱାକନେକ୍ଟ ଏକ ଫୁଲ ଷ୍ଟାକ ଆକ୍ୱାକଲଚର ପ୍ଲାଟଫର୍ମ ଲୁଇ ଡ୍ରେଫର୍ସ କଂପାନି ଭେଂଚର, ସନଲାଇଟ ଇନଭେଷ୍ଟମେଂଟ ଅଂଶଗ୍ରହଣ କରି ଲୋକ କ୍ୟାପିଟାଲ ଦ୍ୱାରା ପରିଚାଳିତ ଏକ ସିରିଜ ଏ ପାଣ୍ଠି ରାଉଣ୍ଡରେ ୧୫ ମିଲିୟନ ଡଲାର ସଂଗ୍ରହ କରିଥିବା ଘୋଷଣା କରିଛି। ଓମିନିଭୋର, ଆଗଫଣ୍ଡର, ରେବ୍ରାଇଟ ପାର୍ଟନର, ଫ୍ଲୋରିଶ ଭେଂଚର, ହାଟ୍ ଓ ଅନ୍ୟ ଋଣ ନିବଶେକମାନଙ୍କ ସହିତ ବିଦ୍ୟମାନ ନିବେଶକ ଏହି ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଆକ୍ୱାକନେକ୍ଟ ଏହାର ମାପଦଣ୍ଡର ପୋର୍ଟଫୋଲିଓକୁ ମଜବୁତ କରିବା ପାଇଁ ସଦ୍ୟ ପାଣ୍ଠି ବ୍ୟବହାର କରିବ।



ସମଗ୍ର ଭାରତରେ ଏହାର ପ୍ରଭାବକୁ ବଢାଇବା ଲାଗି ଆକ୍ୱାକନେକ୍ଟ ଏହାର ଆକ୍ୱା ପାର୍ଟନର ନେଟୱାର୍କକୁ ତିନିଗୁଣା କରି ଏହାର ପ୍ରଭାବକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ସଂପ୍ରତି କଂପାନିର ୫୦୦+ ଆକ୍ୱା ପାର୍ଟନର ( ଗ୍ରାମୀଣ ଉଦ୍ୟୋଗୀ)ର ଏକ ନେଟୱାର୍କ ରହିଛି ଯାହା ୯୦୦୦୦+ରୁ ଅଧିକ ମାଛ ଓ ଚିଙ୍ଗୁଡ଼ି ଚାଷୀଙ୍କୁ ସେବା ଯୋଗାଉଛି। ସିରିଜ ଫଣ୍ଡ ରାଉଣ୍ଡ ଉପରେ ମନ୍ତବ୍ୟ ଦେଇ ପ୍ରତିଷ୍ଠାତା ତଥା ସିଇଓ ରାଜା ମନୋହର ସୋମସୁନ୍ଦରମ କହିଛନ୍ତିଯେ ଆମେ ଗତ ୧୨ ମାସ ମଧ୍ୟରେ ପ୍ରାୟ ୫୦୦ ଆକ୍ୱାପାର୍ଟନର ଯୋଡ଼ିଛୁ ଓ ଫିଜିଟାଲ ନେଟୱାର୍କ ଆମକୁ ୬ଟି ପ୍ରମୁଖ ଜଳଚର ଉତ୍ପାଦନକୁ ପ୍ରସାରିତ କରିବାରେ ସାହାଯ୍ୟ କରିଛି। ଆସନ୍ତା ୧୨ ମାସ ମଧ୍ୟରେ ଆମେ ସମଗ୍ର ଭାରତରେ ଆମର ଆକ୍ୱା ପାର୍ଟନର ନେଟୱାର୍କକୁ ତିନିଗୁଣା କରିବା ସହିତ ଆମର ଅଫରକୁ ବୃଦ୍ଧି କରିବାକୁ ନିଷ୍ପତି ନେଇଛୁ। ଆକ୍ୱାକନେକ୍ଟ ତାର କାର୍ଯ୍ୟକ୍ରମ ମଧ୍ୟରେ ଗ୍ରାମାଂଚଳ ଓ ଉପକୂଳ ଅଂଚଳରେ ଏକ ଦୃଢ ଲଜିଷ୍ଟିକ ଭିତିଭୂମି ନିର୍ମାଣ କରିଛି। ଉନ୍ନତ ଯୋଗାଣ ସାଙ୍ଗକୁ ସବୁ ପ୍ରକାର ସେବା ସହାୟତା ଯୋଗାଇ ଦେଉଛି।

ଆଗାମୀ ୧୨-୧୮ ମାସ ମଧ୍ୟରେ ଆମେ ବି୨ବି ଅଫର ବୃଦ୍ଧି କରିବାକୁ ପ୍ରସ୍ତୁତ ବୋଲି ରାଜମନୋହର ସୋମସୁନ୍ଦର କହିଛନ୍ତି। ଆକ୍ୱାକନେକ୍ଟ ହେଉଛି ଭାରତର ସନରାଇଜ ସେକ୍ଟର ଯାହାକି ୧୫ବି ଡଲାର ବଜାର ସୁଯୋଗ ସହ ଦୁଇ ଅଙ୍କ ବିଶିଷ୍ଟ ୱାଇ-ଓ-ୱାଇ ଅଭିବୃଦ୍ଧି ପ୍ରଦର୍ଶନ କରୁଛି। ଘରୋଇ ତଥା ଆର୍ନ୍ତଜାତିକ ବଜାରରେ ଏହାର ଏକ ପ୍ରମୁଖ ସ୍ଥାନ ରହିଛି ବୋଲି ଲୋକ କ୍ୟାପିଟାଲର ହରି କ୍ରିଷ୍ଣନ କହିଛନ୍ତି।

# ସେୟାର ବଜାରରେ ହାହାକାର

## ୬୦ ହଜାର ତଳକୁ ଖସିଲା ସେନସେକ୍ସ



**ନୂଆଦିଲ୍ଲୀ:** ସେୟାର ବଜାର ନିବେଶକଙ୍କୁ ଚ୍ଳିତ ସପ୍ତାହ ଭାରି ପଡ଼ିଛି। ସେନସେକ୍ସ ଏବଂ ନିଫ୍ଟି ଶୁକ୍ରବାର ପ୍ରାୟ ୧.୭ ପ୍ରତିଶତ ହ୍ରାସ ସହ ବନ୍ଦ ହୋଇଛି। ଏହାସହ ଗତ ୭ କାରବାର ଦିନରେ ଷଷ୍ଠ ଥର ପାଇଁ ଭାରତୀୟ ସେୟାର ବଜାର ହ୍ରାସ ସହ ବନ୍ଦ ହୋଇଛି। ଏହି ହ୍ରାସ ସହ ସେୟାର ବଜାର ନିବେଶକଙ୍କ ସମ୍ପତ୍ତିରେ ଗତ ୭ ଦିନ ଭିତରେ ୧୯ ଲକ୍ଷ କୋଟି ଟଙ୍କା କମିଛି। ସାରା ଦୁନିଆର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜାରି ସତର୍କ ବୟାନ, ସୁଧ ହାର ବୃଦ୍ଧି ନେଇ ସଂକେତ, ବିଶ୍ୱ ସ୍ତରରେ ମନ୍ଦାବସ୍ଥାର ଆଶଙ୍କା, ଚ୍ରୀନ-ଜାପାନ ସହ ଦୁନିଆର ଅନ୍ୟ ଦେଶରେ ପୁଣି ଥରେ ବଢୁଥିବା କରୋନା ମାମଲା ଯୋଗୁଁ ସେୟାର ବଜାରରେ ଏହି ହ୍ରାସ ଦେଖିବାକୁ ମିଳୁଛି।

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୩୦ ସେୟାର ବିଶିଷ୍ଟ ପ୍ରମୁଖ ସୂଚ୍କାଙ୍କ ସେନସେକ୍ସ ଆଜି ପ୍ରାୟ ୧.୬୧ ପ୍ରତିଶତ ଅର୍ଥାତ ୯୮୦.୯୩ ଅଙ୍କ ତଳକୁ ଖସିବା ସହ ୫୯,୮୪୫.୨୯ ଅଙ୍କ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ୫୦ ସେୟାର ବିଶିଷ୍ଟ ନିଫ୍ଟି ଆଜି ୧.୭୭ ପ୍ରତିଶତ ଅର୍ଥାତ୍ ୩୨୦.୫୫ ଅଙ୍କ ହ୍ରାସ ସହ ୧୭,୮୦୬.୮୦ ସ୍ତରରେ ବନ୍ଦ ହୋଇଛି। ସେୟାର ବଜାର ନିବେଶକଙ୍କ ପୁଞ୍ଜି କେବଳ ଶୁକ୍ରବାର ପ୍ରାୟ ୮.୨୬ ଲକ୍ଷ କୋଟି ଟଙ୍କା କମିଛି। ବିଏସଇରେ ସୂଚ୍ରୀବଦ୍ଧ ସବୁ କମ୍ପାନିର ମୋଟ ବଜାର ପୁଞ୍ଜି ହ୍ରାସ ହୋଇ ୨୭୨.୨୯ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି। ଗୋଟିଏ ଦିନ ପୂର୍ବେ ଏହା ୨୮୦.୫୫ ଲକ୍ଷ କୋଟି ଟଙ୍କା ରହିଥିଲା। ବିଏସଇରେ ସୂଚ୍ରୀବଦ୍ଧ କମ୍ପାନି ଗୁଡିକର ମୋଟ ବଜାର ପୁଞ୍ଜିରେ ଆଜି ଗୋଟିଏ ଦିନରେ ୮.୨୬ ଲକ୍ଷ କୋଟି ଟଙ୍କା ହ୍ରସ ଘଟିଛି।

## ଆଇଏମ୍ଏଫ୍ ଆକଳନ: ଆସନ୍ତା ବର୍ଷ ଭାରତ ଅଭିବୃଦ୍ଧି କମିବ

**ନୂଆଦିଲ୍ଲୀ:** ଚ୍ଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୬.୮ ପ୍ରତିଶତ ରହିବ ଏବଂ ୨୦୨୩-୨୪ରେ ତାହା ୬.୧ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଆକଳନ କରିଛି। କିନ୍ତୁ ଏହା ମଧ୍ୟ ଜଣାଇଛି ଯେ ଆସନ୍ତା ଦୁଇ ବର୍ଷରେ ଭାରତର ମୁଦ୍ରାସ୍ଫୀତି ହାରରେ ପର୍ଯ୍ୟାୟକ୍ରମେ ସୁଧାର ହେବ। ଉଚ୍ଚ ତୈଳ ଦର, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ଘଟଣା ଏବଂ କଷ୍ଟକର ଆର୍ଥିକ ସ୍ଥିତି ପାଇଁ ଭାରତର ଅଭିବୃଦ୍ଧି ୨୦୨୩-୨୪ରେ ପ୍ରଭାବିତ ହେବ। କରୋନା ସଂକ୍ରମଣ ପୁଣି ବୃଦ୍ଧି ପାଉଥିବାରୁ ତାହା ଭାରତର ବାଣିଜ୍ୟ ଓ ଅଭିବୃଦ୍ଧିକୁ ପ୍ରଭାବିତ କରିବା ଆଶଙ୍କା ରହିଛି।ବାରମ୍ବାର ସୁଧ ବଢାଉଥିବା ଭାରତୀୟ ରିଜର୍ଭ ବ୍ୟାଙ୍କକୁ ମଧ୍ୟ ଆଇଏମ୍ଏଫ୍ ପରାମର୍ଶ ଦେଇଛି। ସୁଧ ବଢାଇବା ବେଳେ ଭାରତ ଯତ୍ନବାନ ରହିବା ଦରକାର ବୋଲି ଏହା ଜଣାପଡିଛି। ଆଗାମୀ ଦିନରେ ସ୍ଥିତି ଅସ୍ଥିର ହେବାର ଆଶଙ୍କା ଥିବାରୁ ସେଥିପାଇଁ ଏବେଠାରୁ ପ୍ରସ୍ତୁତ ରହିବାକୁ ଆଇଏମ୍ଏଫ୍ ପରାମର୍ଶ ଦେଇଛି। ଦେଶରେ ଦରଦାମ୍ ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଲାଗି ରିଜର୍ଭ ବ୍ୟାଙ୍କ ମେ' ପରଠାରୁ ସୁଧ ହାରରେ ୨.୨୫ ପ୍ରତିଶତ ବୃଦ୍ଧି କରିସାରିଲାଣି। ଏହାର ପ୍ରଭାବରେ ଗାଡି, ଘର ଓ ବ୍ୟକ୍ତିଗତ ଋଣ ସୁଧ ବଢିଛି। ଋଣ ନେଇଥିବା ଗ୍ରାହକଙ୍କ ଉପରେ ଇଏମ୍ଆଇ ବୋଝ ମଧ୍ୟ ବୃଦ୍ଧି ପାଇଛି। କିଛି ଦିନ ପୂର୍ବେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆଗାମୀ ଦିନରେ ସୁଧ ବୃଦ୍ଧି ଜାରି ରହିବ।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




Bhubaneswar Monday December 26, 2022 ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୬,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଅଶ୍ୱିନ ଓ ଶ୍ରେୟସ ଦେଲେ ବିଜୟ

# ୨-୦ରେ ସିରିଜ୍ ଜିତିଲା ଭାରତ

ଢାକା: ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟୀ ହୋଇଛି। ଭାରତ ୩ ୱିକେଟ୍ ?ରେ ବାଂଲାଦେଶକୁ ପରାସ୍ତ କରିଛି। ଏହା ସହିତ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌କୁ ଦଳ ୨-୦ରେ ଜିତି ଯାଇଛି।ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସ୍‌ରେ ଭାରତ ୮୭ ରନ୍‌ରେ ଅଗ୍ରଣୀ ରହିଥିଲା। ସେହିପରି ବାଂଲାଦେଶ ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୨୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ତେଣୁ ଭାରତ ଆଗରେ ମାତ୍ର ୧୪୫ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଭାରତୀୟ ଦଳ ଏହାକୁ ଅତିସହଜରେ ହାସଲ କରି ନେବ ବୋଲି ଆଶା ଥିଲା। ତେବେ ମ୍ୟାଚ୍ ନେଇଥିଲା ଭିନ୍ନ ମୋଡ଼। ଗତକାଲି ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଦଳ ମାତ୍ର ୪୫ ରନ୍ ?ରେ ୪ଟି ୱିକେଟ୍ ହରାଇ ଦେଇଥିଲା। ଶୁବମନ ଗିଲ୍, କେ ଏଲ ରାହୁଲ, ଚେତେଶ୍ୱର ପୂଜାରା ଓ ବିରାଟ କୋହଲିଙ୍କ ଭଳି ଖେଳାଳି ଆଉଟ୍ ହୋଇଯାଇଥିଲେ। ଶୁବମନ ୭ ରନ୍‌ରେ ଆଉଟ୍ ହୋଇଥିବା ବେଳେ କେ ଏଲ୍ ରାହୁଲ ୨, ପୂଜାରା ୬ ଓ ବିରାଟ ୧ ରନ୍ କରିଥିଲେ। ତେଣୁ ମ୍ୟାଚ୍ ଏକ ରୋମାଞ୍ଚକର ସ୍ଥିତିରେ




ପହଞ୍ଚି ଯାଇଥିଲା।

୪ଟି ୱିକେଟ୍ ଯିବା ପରେ ଅକ୍ଷର ପଟେଲ ଓ ଜୟଦେବ ଉନାଦକତ କ୍ରିଜ୍‌ରେ ଧୈର୍ଯ୍ୟର ସହିତ ରହିଥିଲେ। ଅକ୍ଷର ୨୬ ଓ ଉନାଦକତ ୩ ରନ୍ କରି ଅପରାଜିତ ରହିଥିଲେ। ଏ ଦୁହେଁ ଆଜି ପୁଣି ମ୍ୟାଚ୍‌କୁ ଆଗକୁ ବଢାଇ ଥିଲେ। ହେଲେ ଅଧିକ ସମୟ ରହିପାରି ନଥିଲେ। ଗତକାଲି ୩ ରନ୍ କରିଥିବା ଉନାଦକତ ଆଜି ଆଉ ୧୦ ରନ୍ କରି ଆଉଟ୍ ହୋଇଯାଇଥିଲେ। ସେ ଆଉଟ୍ ହେବା ପରେ ପ୍ରଥମ ଇନିଂସରେ ୯୩ ରନ୍ କରିଥିବା ଋଷଭ ପନ୍ଥ ଆସିଥିଲେ। ତେବେ ସେ ସମସ୍ତଙ୍କୁ ନିରାଶ କରିଥିଲେ। ସେ ୧୩ଟି ବଲ୍‌ରୁ ୯ ରନ୍ କରି ଆଉଟ୍ ହୋଇଯାଇଥିଲେ। ଋଷଭ ଆଉଟ୍ ହେବାର ଗୋଟିଏ ଓଭର ପରେ ଭାରତକୁ ଲାଗିଥିଲା ଆଉ ଏକ ଝଟକା। ଆଉଟ୍ ହୋଇଯାଇଥିଲେ ଅକ୍ଷର ପଟେଲ। ଗତକାଲି ୨୬ ରନ୍ କରିଥିବା ପଟେଲ ଆଜି ଆଉ ୮ ରନ୍ କରି ମେହିଦୀ ହାସନ ମୀର୍ଜାଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ।

ସକାଳୁ ସକାଳୁ ଅଳ୍ପ ଅଳ୍ପ ବ୍ୟବଧାନରେ ୩ଟି ୱିକେଟ୍ ପଡିଯିବା ପରେ ଭାରତୀୟ କ୍ରିକେଟ୍ ପ୍ରେମୀମାନେ ନିରାଶ ହୋଇଥିଲେ। ମ୍ୟାଚ୍ ପୁଣି ଏକ ରୋମାଞ୍ଚକର ସ୍ଥିତିରେ ପହଞ୍ଚି ଯାଇଥିଲା। କାରଣ ଦଳ ମାତ୍ର ୭୪ ରନ୍ ?ରେ ୭ଟି ୱିକେଟ୍ ହରାଇ ଦେଇଥିଲା। ବାଂଲାଦେଶର ପଲା ଭାରି ହୋଇଯାଇଥିଲା। ଯଦିଓ ଶ୍ରେୟସ ଆୟର ଥିଲେ, ତଥାପି ମ୍ୟାଚ୍ ଭାରତ ହାତରୁ ଚ୍ାଲିଯାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ରବିଚ୍ନ୍ଦ୍ରନ ଅଶ୍ୱିନ୍ ଓ ଶ୍ରେୟସ ଆୟର ମ୍ୟାଚ୍‌କୁ ଭାରତ ପକ୍ଷରେ କରିବାରେ ସମର୍ଥ ହୋଇଥିଲେ।ଅଶ୍ୱିନ ଓ ଶ୍ରେୟସ ଧୈର୍ଯ୍ୟର ସହିତ ଖେଳିଥିଲେ। ଦୁହିଁଙ୍କ ମଧ୍ୟରେ ୭୧ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଶ୍ରେୟସ ୪୬ଟି ବଲ୍‌ରୁ ୪ଟି ଚୌକା ସହାୟତାରେ ୨୯ ରନ୍ କରିଥିବା ବେଳେ ଅଶ୍ୱିନ୍ ୬୨ଟି ବଲ୍‌ରୁ ୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୨ ରନ୍ କରିଥିଲେ। ଦୁହେଁ ଅପରାଜିତ ରହି ମ୍ୟାଚ୍‌କୁ ଜିତାଇ ଥିଲେ। ଏହି ମ୍ୟାଚ୍‌ର ଦୁଇଟି ଯାକ ଇନିଂସରେ ମିଶି ୬ଟି ୱିକେଟ୍ ନେବା ସହ ୫୪ ରନ୍ କରିଥିବା ଅଶ୍ୱିନଙ୍କୁ 'ପ୍ଲେୟର ଅଫ୍ ଦ ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଚେତେଶ୍ୱର ପୂଜାରାଙ୍କୁ 'ମ୍ୟାନ୍ ଅଫ୍ ଦ ସିରିଜ୍' ପ୍ରଦାନ କରାଯାଇଛି। ସେ ଏହି ସିରିଜ୍‌ରେ ମୋଟ ୨୨୨ ରନ୍ କରିଛନ୍ତି। ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୯୦ ଓ ଅପରାଜିତ ୧୦୨ ରନ୍ କରିଥିଲେ। ଦ୍ୱିତୀୟ ଟେଷ୍ଟରେ ଯଥାକ୍ରମେ ୨୪ ଓ ୬ ରନ୍ କରିଥିଲେ।

ବାଂଲାଦେଶ ପକ୍ଷରୁ ମେହଦୀ ହାସନ ମିରଜା ସର୍ବାଧିକ ୫ଟି ୱିକେଟ୍ ନେଇଥିବା ବେଳେ ସାକିବ ହାସନ ୨ଟି ୱିକେଟ୍ ନେଇଥିଲେ। ବାଂଲାଦେଶ ପ୍ରଥମ ଇନିଂସରେ ୨୨୭ ରନ୍ କରିଥିବା ବେଳେ ଭାରତ ୩୧୪ ରନ୍ କରିଥିଲା। ବାଂଲାଦେଶ ଦ୍ୱିତୀୟ ଇନିଂସ୍‌ରେ ୨୩୧ ରନ୍ କରିଥିବା ବେଳେ ଭାରତ ୧୪୫ ରନ୍ ?ର ବିଜୟ ଟାର୍ଗେଟ୍‌କୁ ୭ ୱିକେଟ୍ ହରାଇ ହାସଲ କରିଥିଲା।

ସୂଚ୍ନାଯୋଗ୍ୟ, ପ୍ରଥମ ଟେଷ୍ଟରେ ବାଂଲାଦେଶକୁ ଭାରତ ୧୮୮ ରନ୍‌ରେ ପରାସ୍ତ କରିଥିଲା।

## କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୬ତମ ବାର୍ଷିକ ଉତ୍ସବ ଉଡାନ୍




**ଭୁବନେଶ୍ୱର,(ପିଏନ):** କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୬ତମ ବାର୍ଷିକ ଉତ୍ସବ ଉଡାନ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଛାତଛାତ୍ରୀଙ୍କୁ ମାନବିକ ମୂଲ୍ୟବୋଧ ଓ ମାନବିକତା ନେଇ ସର୍ବଦା ସଚେତନ ରହିବାକୁ ପରମର୍ଶ ଦେଇଥିଲେ। ଶ୍ରୀ ସାମନ୍ତ କହିଲେ, କିଟ୍ ଏବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଓ ସ୍ୱୀକୃତି ଲାଭ କରିଛି। ତୁମେମାନେ ବିଶ୍ୱର ଯେଉଁ ସ୍ଥାନକୁ ବି ଯାଅ ସେଠାରେ ତୁମକୁ ସ୍ୱାଗତ ଓ ସ୍ୱୀକୃତି ପ୍ରଦାନ କରିବାକୁ କିଟ୍‌ର ପୁରାତନ ଛାତ୍ରଛାତ୍ରୀଙ୍କୁ ନିଶ୍ଚିତ ରୂପେ ପାଇବ। ତେବେ ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦେଖି ନିଜର ଦକ୍ଷତା ପ୍ରତିପାଦନ ପାଇଁ କଠିନ ପରିଶ୍ରମ କରିବାକୁ ଶ୍ରୀ ସାମନ୍ତ ଛାତଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲ୍‌ର ଚେୟାରପର୍ସନ୍ ଡ. ମୋନା ଲିସା ବଳ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ ଜଣଙ୍କର ସର୍ଜନା ଅନ୍ୟଜଣଙ୍କ ସର୍ଜନାଠାରୁ ଅଲଗା ହୋଇଥାଏ। ବୈଷୟିକ ଜ୍ଞାନର ବିକାଶ ସହ ଏହାର ସହାୟତାରେ ପ୍ରଦର୍ଶନକୁ ପରିବର୍ଦ୍ଧିତ କରାଯାଇପାରେ। କିନ୍ତୁ ସର୍ଜନା ହେଉଛି ଛାତ୍ରଛାତ୍ରୀଙ୍କ ନିଜସ୍ୱ ଓ ଅନନ୍ୟ। ସ୍କୁଲ୍‌ର ଅଧକ୍ଷ ଡ. ସଞ୍ଜୟ ସୁଆର ସ୍କୁଲର ବାର୍ଷିକ ବିବରଣୀ ପାଠରେ ଚଳିତ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରି ସ୍କୁଲ୍‌କୁ ସୁନାମ ଆଣିଦେଇଥିବା ଛାତ୍ରଛାତ୍ରୀଙ୍କ ନାମ ଉଲ୍ଲେଖ କରିଥିଲେ। କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସର୍ବଦା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛି। ଏହି ସ୍କୁଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିସ୍ୱାର୍ଥପର ସେବା ଓ ସୀମାହୀନ ଶିକ୍ଷା ବୋଲି ଡ. ସୁଆର କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶେଷ କରି ଏମ୍‌ଜେ-୫ ଗ୍ରୁପ୍‌ର ଚିତାକର୍ଷକ ପ୍ରଦର୍ଶନ ଏବଂ ମେଲୋଡି କୁଇନ୍ ତଥା ଇଣ୍ଡିଆନ୍ ଆଇଡଲ୍ ଜୁନିଅର ଫେମ୍ ଅନନ୍ୟା ଶ୍ରୀତମ୍ ନନ୍ଦଙ୍କ ସଙ୍ଗୀତ ପରିବେଷଣ ଉତ୍ସବକୁ ଆହୁରି ସରସ କରିଦେଇଥିଲା।

## ଓଡ଼ିଶା ଫେରିଲା ବିଶ୍ୱକପ ହକି ଟ୍ରଫି




**ଭୁବନେଶ୍ୱର,(ପିଏନ):** ଓଡ଼ିଶା ଫେରିଲା ବିଶ୍ୱକପ ହକି ଟ୍ରଫି। ୧୩ଟି ରାଜ୍ୟ ଓ ଦୁଇ କେନ୍ଦ୍ର ଶାସିତ ଅଞ୍ଚଳ ଭ୍ରମଣ କରି ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା ଟ୍ରଫି। ବିମାନ ବନ୍ଦରରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଏବଂ କ୍ରୀଡ଼ା ମନ୍ତ୍ରୀ ତୁଷାର କାନ୍ତି ବେହେରା ଟ୍ରଫିକୁ ସ୍ୱାଗତ କରିଥିଲେ।ପରେ ପରେ ଭୁବନେଶ୍ୱର ମହାନଗର ନିଗମକୁ ଏହି ଟ୍ରଫି ହସ୍ତାନ୍ତର କରାଯାଇଥିଲା। ବିମାନବନ୍ଦର ନିକଟ ବିଜୁ ପଟ୍ଟନାୟକ ଛକ ଠାରେ ଓଡ଼ିଶୀ ନୃତ୍ୟ, ଯୋଡ଼ି ଶଙ୍ଖ, ଢୋଲ ବାଜା ବଜାଇ ଟ୍ରଫିକୁ ସ୍ୱାଗତ କରାଯାଇଥିଲା। ଇଗଡ ମେୟର ସୁଲୋଚ୍ନା ଦାସ ଏବଂ କମିଶନର ଏହି ଟ୍ରଫିକୁ ଗ୍ରହଣ କରିଥିଲେ।

ତାହା ପରେ ଟ୍ରଫିକୁ ଲିଙ୍ଗରାଜ ମନ୍ଦିର, ଏସ୍-ପ୍ଲାନେଡ ମଲ ଓ ପରେ ପରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ନେବାର କାର୍ଯ୍ୟକ୍ରମ ରହିଛି। କାଲିଠୁ ବିଶ୍ୱକପ୍ ଟ୍ରଫି ସମସ୍ତ ଜିଲ୍ଲା ପରିଭ୍ରମଣ କରି ଜାନୁଆରୀ ୧୨ରେ ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ରେ ପହଞ୍ଚିବ।

## ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରଶିଳ୍ପୀ ଡ. ମୁରଲୀଧର ଟାଲିଙ୍କ ଶ୍ରାଦ୍ଧ ଦିବସ ପାଳିତ

**ଭୁବନେଶ୍ୱର,(ପିଏନ)**-ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଅନ୍ତର୍ଗତ ଓଡ଼ିଶା ଲଳିତ କଳା ଏକାଡେମୀଦ୍ୱାରା ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସୁଖ୍ୟାତ ବାନ୍ଧ ଡିଜାଇନର ଡ.ମୁରଲୀଧର ଟାଲିଙ୍କ ଶ୍ରାଦ୍ଧ ଦିବସ ଆଜି ଓଡ଼ିଶା ଲଳିତ କଳା ଏକାଡେମୀ କାର୍ଯ୍ୟାଳୟପରିସରରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଚିବ ଚିତ୍ରଶିଳ୍ପୀ ପଂଚାନନ ସାମଲ, ଶିଳ୍ପୀଙ୍କ ପୁତ୍ର ଦେବୀପ୍ରସାଦ ଟାଲି, ଶ୍ୟାମପ୍ରସାଦ ଟାଲି,ପୁତ୍ରବଧୂ ଚଂଚଳା ଟାଲି ଓ ଅନ୍ୟମାନେ ଶିଳ୍ପୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଉପସ୍ଥିତ ବ୍ୟକ୍ତି ବିଶେଷ ଶିଳ୍ପୀଙ୍କ ସ୍ମୃତିଚାରଣ କରି ସ୍ୱର୍ଗତ ଟାଲି ଉଭୟ ତୈଳ ଚିତ୍ର ଓ ଜଳରଙ୍ଗ ଚିତ୍ରରେ ଜଣେ ସୁଦକ୍ଷ ବିନ୍ଧାଣୀ ଥିଲେ ବୋଲି ମତପ୍ରକାଶ କରିଥିଲେ। ୧୯୧୮ ମସିହା ଅକ୍ଟୋବର ୨୨ ତାରିଖରେ ସମ୍ବଲପୁରର ମହାନ୍ତିପଡା ଗ୍ରାମରେ ଜନ୍ମିତ ସ୍ୱର୍ଗତ ଟାଲି ବାଲ୍ୟକାଳରୁ ବାପାଙ୍କଠାରୁ ପ୍ରେରଣା ପାଇଥିଲେ।

# କିଟ୍‌ରେ ହକି ବିଶ୍ୱକପ୍ ଟ୍ରଫି

## ଅଲିମ୍ପିଆନ୍‌ଙ୍କ ସମେତ ୧୫ହଜାର କ୍ରୀଡ଼ାବିତ୍‌ଙ୍କ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ଭୁବନେଶ୍ୱର,(ପିଏନ):** ପୁରୁଷ ବିଶ୍ୱକପ୍ ହକି ଟ୍ରଫି ଆଜି ଓଡ଼ିଶାରେ ପହଞ୍ଚିବା ପରେ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ପରିକ୍ରମା କରିବା ପରେ ଶେଷରେ କିଟ୍ ପରିସରରେ ପହଞ୍ଚିଥିଲା। କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ୨ରୁ କିଟ୍ ଓ କିସ୍‌ର ଛାତ୍ରଛାତ୍ରୀ ତଥା କର୍ମଚାରୀମାନେ ଟ୍ରଫିକୁ କିଟ୍ ଷ୍ଟାଡିଅମ୍ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇଯାଇଥିଲେ। ସେଠାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ଏକ ଭିଡ଼ିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ, କ୍ରମାଗତ ଭାବେ ଓଡ଼ିଶାକୁ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ହକି ଆୟୋଜନ କରିବାକୁ ସୁଯୋଗ ଦିଆଯାଇଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏବେ ଆମକୁ ଓଡ଼ିଶା ହକିର ବିଶ୍ୱ ହବ୍ ଭାବେ ଦେଖାଇଦେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କିଟ୍‌ରେ ଆୟୋଜିତ ଟ୍ରଫି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ସମେତ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ବିଜୟ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ଅଲିମ୍ପିଆନ୍, ଦୂତି ଚାନ୍ଦ, ସିଏ ଭବାନୀ ଦେବୀ, ଶିବପାଲ ସିଂହ ଏବଂ ଆଥଲେଟ୍ ଅମିୟ ମଲ୍ଲିକ ଓ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେବାକୁ ଆସିଥିବା ୧୫ହଜାର କ୍ରୀଡ଼ାବିତ, କୋଚ ଓ ଅଫିସିଆଲ୍‌ଙ୍କ ଉପସ୍ଥିତିରେ ହକି ବିଶ୍ୱକପ୍ ଟ୍ରଫି କିଟ୍‌ରେ ସମ୍ବର୍ଦ୍ଧନା ଦିଆଯିବା କିଟ୍ ଓ କିସ୍ ପାଇଁ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରତି ରହିଥିବା ଅହେତୁକ ସ୍ନେହ ଓ ଶ୍ରଦ୍ଧା ପାଇଁ ଆଜି ଓଡ଼ିଶା ଦୁଇ ଦୁଇ ଥର ହକି ବିଶ୍ୱକପ୍ ଆୟୋଜନ କରିବାରେ ସମର୍ଥ ହୋଇପାରିବା ସହ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇ ପାରିଛି ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି ଅବସରରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆତସବାଜୀ ପ୍ରଦର୍ଶନ କରାଯାଇଥିଲା। ଆତସବାଜୀ ପ୍ରଦର୍ଶନ ପରିବେଶକୁ ହକିମୟ କରିଦେଇଥିଲା।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray